CMYK

• Vol.- 45, Issue No. 317
• Tuesday, 17 February 2026
• ମଙ୍ଗଳବାର, ୧୭ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମେଳନ-୨୦୨୬ରେ ପ୍ରଧାନମନ୍ତ୍ରୀ

ଗ୍ଲୋବାଲ ଏଆଇ କେନ୍ଦ୍ର ହେବ ଭାରତ

ନୂଆଦିଲ୍ଲୀ, ୧୬ ।୨: ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ପାଞ୍ଚଦିନିଆ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମେଳନ- ୨୦୨୬ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମେଳନକୁ ଯୁବଶକ୍ତି ଓ ପ୍ରଯୁକ୍ତିଗତ ପ୍ରଗତିର ପ୍ରତୀକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱର

ସମ୍ମେଳନ ଯୁବବର୍ଗଙ୍କ ଶକ୍ତିର ପ୍ରତୀକ

୪୫ରୁ ଅଧିକ ଦେଶର ପ୍ରତିନିଧି ସାମିଲ

ବିଭିନ୍ନ ସ୍ଥାନରୁ ନେତା, ବିଶେଷଜ୍ଞ ଓ ନବୋନ୍ମେଷକମାନେ ଭାରତକୁ ଆସୁଛନ୍ତି, ଯାହା ଦେଶ ପାଇଁ ଗର୍ବର ବିଷୟ। ବିଶ୍ୱକୁ ଏଆଇର ଆଲୋଚନା ମଞ୍ଚରେ ଏକାଠି କରିବା ଆଜିର ଆବଶ୍ୟକତା। ଆଜି ଠାରୁ ଭାରତ , ଦିଲ୍ଲୀର ଭାରତ ମଣ୍ଡପମରେ ଏଆଇ ଇମ୍ପାକ୍ଟ ସମିତିର ଆୟୋଜନ କରୁଛି। ମୁଁ ସାରା ବିଶ୍ୱରୁ ଆସିଥିବା ସମସ୍ତ ନେତା , ଉଦ୍ୟୋଗ ଜଗତର ପ୍ରତିନିଧିମାନେ , ଇନୋଭେଟ ମାନେ, ପଲିସି-ମେକର୍ସ , ରିସର୍ଚ୍ଚର ଓ ଟେକ୍ ଲଭର୍ସଙ୍କୁ ଏହି ଶିଖର ସମ୍ମିଳନୀରେ ହାର୍ଦ୍ଦିକ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ତାଙ୍କର ବାର୍ତ୍ତାରେ କହିଛନ୍ତି ଯେ, ଭାରତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ସହ ଜଡ଼ିତ ପରିବର୍ତ୍ତନର ପ୍ରାରମ୍ଭିକ ଧାଡ଼ିରେ ଠିଆ ହୋଇଛି। ସେ ଉଲ୍ଲେଖ କରିଛନ୍ତି ଯେ, ଏଆଇ କ୍ଷେତ୍ରରେ ଭାରତର ପ୍ରଗତି ମହତ୍ତ୍ୱାକାଂକ୍ଷା ଓ ଦାୟିତ୍ୱ ଉଭୟକୁ ଦର୍ଶାଇ ଥାଏ।ଏଆଇ ଶିଖର ସମ୍ମିଳନୀ ନୂଆ ଦିଲ୍ଲୀରେ ଆୟୋଜିତ ହେଉଛି , ଯେଉଁଥିରେ ଗ୍ଲୋବାଲ ପଲିଟିକାଲ ଲିଡର୍ସ , ଟେକ୍ କମ୍ପାନୀମାନେ , ଷ୍ଟାର୍ଟଅପ୍ସ ଓ ରିସର୍ଚ କମ୍ୟୁନିଟିକମାନେ ଅଂଶଗ୍ରହଣ କରୁଛନ୍ତି। ସୂଚନା ମୁତାବିକ , ଏହି ଆୟୋଜନରେ ୪୫ରୁ ଅଧିକ ଦେଶର ପ୍ରତିନିଧି ସାମିଲ ହେଉଛନ୍ତି। ଫ୍ରାନ୍ସର ରାଷ୍ଟ୍ରପତି ଇମ୍ମାନୁଏଲ ମାକ୍ରୋନ୍ ,ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଓ ସଂଯୁକ୍ତ ରାଷ୍ଟ୍ର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସମେତ ଅନେକ ଅନ୍ତର୍ଜାତୀୟ ନେତା ଏଥିରେ ଭାଗ ନେଉଛନ୍ତି।ଟେକ୍ନୋଲଜି ଓ୍ୱାର୍ଲ୍ଡରୁ ଗୁଗଲର ସିଇଓ ସୁନ୍ଦର ପିଚାଇ ଓ ଅପେନ ଏଆଇର ମୁଖ୍ୟ ସାମ୍ ଅଲଟମ୍ୟାନଙ୍କ ସମେତ ଅଲଗା ଅଲଗା ଗ୍ଲୋବାଲ ଏଆଇ କମ୍ପାନୀର ପ୍ରତିନିଧି ମଧ୍ୟ ଆୟୋଜନରେ ଉପସ୍ଥିତ ହେବେ। ସରକାରଙ୍କ ପକ୍ଷରୁ ସହଭାଗିତା କରାଯାଇ ଥିବା ସୂଚନା ଆଧାରରେ, ଇଣ୍ଡିଆଏଆଇ ମିଶନ ଅନୁସାରେ , ୧୦,୩୭୨ କୋଟି ଟଙ୍କାର ନିବେଶ କରାଯାଉଛି। ଏହି ପ୍ରୟାସ ଯୋଗୁଁ ୩୮,୦୦୦ରୁ ଅଧିକ ଜିପିୟୁଏସ୍ କୁ ସେୟାର୍ଡ କମ୍ପ୍ୟୁଟର ଆକ୍ସେସ୍ ପାଇଁ ଅନବୋର୍ଡ କରାଯାଇଛି।ସମ୍ମେଳନର ଥିମ୍ ରହିଛି- ବହୁ ଜନ ହିତାୟ, ବହୁଜନ ସୁଖାୟ।'ବିଶ୍ୱବ୍ୟାପୀ ଏଆଇ ଶାସନ ଏବଂ ସହଯୋଗ ପାଇଁ ସହଭାଗୀଆଧାରିତ ରୋଡମ୍ୟାପ୍' ସମ୍ମେଳନର ଲକ୍ଷ୍ୟ ବୋଲି କୁହାଯାଇଛି।

ଆସିଲା ଜେଇଇ ମେନ୍ ପରୀକ୍ଷା ଫଳାଫଳ

ଓଡ଼ିଶାରେ ଭବେଶ ଟପ୍ପର

- ଜାତୀୟ ସ୍ତରରେ ଶ୍ରେୟସ
- ୧୨ ପ୍ରାର୍ଥୀ ହାସଲ କଲେ ୧୦୦ ଏନଟିଏ ସ୍କୋର

ନୂଆଦିଲ୍ଲୀ, ୧୬।୨: ସୋମବାର ପ୍ରକାଶ ପାଇଛି ଜେଇଇ ମେନ ପରୀକ୍ଷାର ଫଳାଫଳ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଜେଇଇ ମେନ୍ ୨୦୨୬ ସେସନ୍- ୧ ର ଫଳାଫଳ ପ୍ରକାଶ କରିଛି। ପେପର୍ ୧ (ବିଇ/ବିଟେକ୍) ପାଇଁ ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏବେ ଅଫିସିଆଲ୍‌କୁ ଯାଇ ସେମାନଙ୍କର ଫଳାଫଳ ଡାଉନଲୋଡ୍ କରିପାରିବେ। ଜେଇଇ ମେନ୍ ୨୦୨୬ ପରୀକ୍ଷା ଜାନୁଆରୀ ୨୧, ୨୨, ୨୩, ୨୪ ଏବଂ ୨୮ ରେ କମ୍ପ୍ୟୁଟର ବେସଡ୍ ଟେଷ୍ଟ ମୋଡ୍ ରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ଦେଶର ୩୨୬ ସହର ଏବଂ ବିଦେଶର ୧୫ ସହରର ୬୫୮ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ୧୩ ଟି ଭାଷାରେ କରାଯାଇଥିଲା: ଆସାମୀ, ବଙ୍ଗଳା, ଇଂରାଜୀ, ଗୁଜରାଟୀ, କନ୍ନଡ, ହିନ୍ଦୀ, ମାଲାୟଲମ, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ। ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ମୋଟ ୧,୩୦୪,୬୫୩ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ।୨୦୨୬ ମସିହାର ଜେଇଇ ମେନ୍ ପେପର୍ ୧ (ବିଇ/ବିଟେକ୍)ରେ ୧୨ ଜଣ ପ୍ରାର୍ଥୀ ୧୦୦ ଏନଟିଏ ସ୍କୋର ହାସଲ କରିଛନ୍ତି। ଏଥିରେ ଦିଲ୍ଲୀର ଶ୍ରେୟସ ମିଶ୍ର, ଆନ୍ଧ୍ର ପ୍ରଦେଶରୁ ନରେନ୍ଦ୍ର ବାବୁ ଗରୀ ମହିତ, ବିହାରରୁ ଶୁଭମ କୁମାର, ରାଜସ୍ଥାନରୁ କବୀର ଛିଲ୍ଲର, ରାଜସ୍ଥାନରୁ ଚିରଞ୍ଜିବ କର, ଓଡ଼ିଶାରୁ ଭବେଶ ପାତ୍ର, ହରିୟାଣାରୁ ଅନୟ ଜୈନ, ରାଜସ୍ଥାନରୁ ଅର୍ଣ୍ଣବ ଗୌତମ, ଆନ୍ଧ୍ର ପ୍ରଦେଶରୁ ପାସାଲା ମୋହିତ, ମହାରାଷ୍ଟ୍ରରୁ ମାଧବ ବିରାଡିଆ, ଗୁଜରାଟରୁ ପୁରୋହିତ ନିମୟ ଏବଂ ତେଲେଙ୍ଗାନାରୁ ବିଭାନ ଶରଦ ମାହେଶ୍ୱରୀ ସାମିଲ ଅଛନ୍ତି।

ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ 'ସୁପ୍ରିମ୍' ଭର୍ତ୍ସନା

- ଉଭୟ ଅପରିଚିତ, ସମ୍ପର୍କର ଆଧାର କ'ଣ
- ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର

ନୂଆଦିଲ୍ଲୀ, ୧୬।୨: ଭାରତରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଅଭିଯୋଗ ଏକ ପ୍ରକାର ସାଧାରଣ ଘଟଣାରେ ପରିଣତ ହେଲାଣି । ଏହି ପ୍ରସଙ୍ଗରେ ସୋମବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମୌଖିକ ଟିପ୍ପଣୀ ଦେଇଛନ୍ତି। ଏକ

ବଳାତ୍କାର ମାମଲାର ଜାମିନ ଆବେଦନ ଶୁଣାଣି ସମୟରେ ଜଷ୍ଟିସ୍ ବିଭି ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜଲ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, 'ବିବାହ ପୂର୍ବରୁ ପୁଅ ଓ ଝିଅ ପରସ୍ପର ପାଇଁ ଅଜଣା ହୋଇଥିବାରୁ ଏଭଳି ସମ୍ପର୍କ ରଖିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ'। ରିପୋର୍ଟ ଅନୁଯାୟୀ ପୀଡ଼ିତା ଓ ଅଭିଯୁକ୍ତ ୨୦୨୨ରେ ଏକ ମ୍ୟାଟ୍ରିମୋନିଆଲ୍ ସାଇଟ୍ ଜରିଆରେ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦିଲ୍ଲୀ ଏବଂ ଦୁବାଇରେ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସମ୍ମତି ବିନା ଅଶ୍ଳୀଳ ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ପରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜଣକ ପୂର୍ବରୁ ବିବାହିତ ଥିଲେ ଏବଂ ୨୦୨୪ ଜାନୁଆରୀରେ ପଞ୍ଜାବରେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଶୁଣାଣି ସମୟରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଯଦି ବିବାହ ହୋଇନଥିଲା ତେବେ ମହିଳା ଜଣକ ଦୁବାଇ କାହିଁକି ଯାଇଥିଲେ ? ମାମଲାର ଶୁଣାଣି କରି ଜଷ୍ଟିସ ନାଗରତ୍ନା କହିଛନ୍ତି, ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ସ୍ଥାପନ କରିବା ନେଇ ସତର୍କତା ଅବଲମ୍ବନ କରାଯିବା କଥା । ହୁଏତ ଆମେ ପୁରୁଣାକାଳିଆ ହୋଇଥାଇ ପାରୁ, କିନ୍ତୁ ବିବାହ ପୂର୍ବରୁ, ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ପରସ୍ପର ପାଇଁ ଅପରିଚିତ ଥିବାବେଳେ ସେମାନଙ୍କ ସମ୍ପର୍କର ଆଧାର କ'ଣ ରହିଛି। ବିବାହ ପୂର୍ବରୁ ସେମାନେ କିପରି ଶାରୀରିକ ସମ୍ପର୍କରେ ରହିପାରିବେ ଆମେ ବୁଝିପାରୁନାହୁଁ । ବିବାହ ପୂର୍ବରୁ କେହି କାହାକୁ ବିଶ୍ୱାସ କରନ୍ତି ନାହିଁ। ସେଥିପାଇଁ ତୁମକୁ ଯତ୍ନବାନ ହେବା କଥା। ସୁପ୍ରିମ କୋର୍ଟ କହିଛନ୍ତି ଯେ, ଯଦି ସମ୍ପର୍କ ସହମତିଭିତ୍ତିକ ହୋଇଥାଏ, ତେବେ ଏହା କେବଳ ମାମଲା ଚଲାଇ ଦଣ୍ଡ ଦେବାର ବିଷୟ ନୁହେଁ। ଏହି ମାମଲାକୁ ସମାଧାନ ପାଇଁ ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯାଇପାରେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର ହେବ।

ମାର୍ଚ୍ଚ ୮ରେ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୧୬।୨ : ରାଜ୍ୟ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ମାର୍ଚ୍ଚ ୮ରେ ମିଳିବ ଏହି ଯୋଜନାର କିସ୍ତି ମିଳିବ। ଯୋଗ୍ୟ ହିତାଧିକାରୀଙ୍କୁ ଆନ୍ତର୍ଜାତିକ ମହିଳା ଦିବସରେ ୫ ହଜାର ଟଙ୍କା ମିଳିବ। ଏହା ସୁଭଦ୍ରାର ଚତୁର୍ଥ କିସ୍ତି। ୧ କୋଟିରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଯିବ ମୋଟ ୫ ହଜାର କୋଟି ଟଙ୍କା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଏ ନେଇ ସୂଚନା ଦେଇଛନ୍ତି।ଏହା ପୂର୍ବରୁ ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ୩ଟି କିସ୍ତିରେ ମୋଟ ୧୫ ହଜାର ଟଙ୍କା ସହାୟତା ରାଶି ପାଇଛନ୍ତି। ସୁଭଦ୍ରା ଯୋଜନାରେ ପ୍ରତିବର୍ଷ ହିତାଧିକାରୀଙ୍କୁ ୨ଟି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ମୋଟ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ଗତ ଜାନୁୟାରୀ ୨୨ ରେ ନୂତନ ହିତାଧିକାରୀ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ

- ୨୦ରେ ରାଜ୍ୟ ବଜେଟ୍
- ନାନା ପ୍ରସଙ୍ଗ ଉଠାଇ ଘେରିବେ ବିରୋଧୀ
- ସର୍ବଦଳୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୬।୨(ନିପ୍ର): ମଙ୍ଗଳବାର ଠାରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେଉଛି। ଫେବୃଆରି ୧୭ ରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨୦ରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରିବେ। ବିରୋଧୀମାନେ ନାନା ପ୍ରସଙ୍ଗ ନେଇ କ୍ଷମତାସୀନ ସରକାରଙ୍କୁ ଘେରିବେ। ଫଳରେ ବିଧାନସଭା କମ୍ପିବ।ଏଥର ବଜେଟ୍ ଅଧିବେଶନରେ ବହିବ ଧାନ ମଣ୍ଡି ଝଡ଼ । ଗୃହରେ ଉଛୁଳିବ ମହାନଦୀ ଜଳ । ମୋଟରଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) କଟକଣାରୁ ନେଇ ଆଇନଶୃଙ୍ଖଳା ଓ ଏସଆଇଆର୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ହରଡ଼ ଘଣାରେ ପକାଇବାକୁ ପ୍ରୟାସ କରିବେ ବିରୋଧୀ ବିଜେଡି ଓ କଂଗ୍ରେସ । ଗୋଟି ଗୋଟି କରି ଜବାବ ମାଗି ଘେରିବେ । ସେପଟେ ବିରୋଧୀଙ୍କୁ ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ଶାସକ ବିଜେପି । ବଜେଟ ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛି କମିଶନରେଟ ପୋଲିସ । ସୋମବାର ସର୍ବଦଳୀୟ ବୈଠକରେ ଅଧିବେଶନ ସୁରୁଖୁରୁରେ ସଂପନ୍ନ କରାଇବା ନେଇ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜପ୍ରଧାନ, ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡାମ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

ଜାଲ୍ ମୋଟର ଯାନ ବୀମା ଦାବିର ତଦନ୍ତ : ଏସ୍‌ଆଇଟି ଗଠିତ

ଭୁବନେଶ୍ୱର, ୧୬।୨: ଜାଲ୍ ମୋଟର ଯାନ ବୀମା ଦାବିର ତଦନ୍ତ ପାଇଁ ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଛନ୍ତି, ଏକ ଶୁଣାଣିରେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି । ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପାଟାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ ଅଭିଯୋଗ ଅନିୟମିତତାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଇନ୍‌ସ୍‌ପେକ୍ଟର ଜେନେରାଲ ସାର୍ଥକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏସଆଇଟି ଗଠନ କରାଯାଇଛି। କାର୍ଯ୍ୟକାଳ ସମୟରେ, ଆଚାର୍ଯ୍ୟ କୋର୍ଟଙ୍କୁ ସୂଚନା ଦେଇଥିଲେ ଯେ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ୧୦୪ ଟି ସନ୍ଦିଗ୍ଧ ମୋଟର ଯାନ ବୀମା ଦାବି ଚିହ୍ନଟ କରିଛନ୍ତି। ଏଥିମଧ୍ୟରୁ ୭୦ ଟି ଦାବି ଜାଲ୍ ବୋଲି ଯାଞ୍ଚ କରାଯାଇଛି। ସେ ଆହୁରି କହିଛନ୍ତି ଯେ ନିଶ୍ଚିତ ହୋଇଥିବା ଠକେଇ ମାମଲାରେ ଚାରୋଟିରେ ହିତାଧିକାରୀମାନେ ବୀମା ଦେୟ ପାଇସାରିଛନ୍ତି। ଓରିଏଣ୍ଟାଲ ବୀମା କମ୍ପାନୀ ଅଭିଯୋଗ ହୋଇଥିବା ଠକେଇ ଦାବି ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ର୍ୟାକେଟର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏକ ଆବେଦନ ଦାଖଲ କରିବା ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

ଆଜିଠୁ ସିବିଏସଇ ଦଶମ, ଦ୍ୱାଦଶ ପରୀକ୍ଷା

ପ୍ରଥମ ବୋର୍ଡ ବାଧ୍ୟତାମୂଳକ

ଭୁବନେଶ୍ୱର, ୧୬।୨: ମଙ୍ଗଳବାର ଠାରୁ ସିବିଏସଇ ଦଶମ, ଦ୍ୱାଦଶ ପରୀକ୍ଷା ଆରମ୍ଭ ହେଉଛି। ୪୬ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏଥର ଏହି ପରୀକ୍ଷା ଦେବେ। ତେବେ ଏହା ପୂର୍ବରୁ ନିୟମକୁ ସିବିଏସଇ କଡ଼ାକଡ଼ି କରିଛି। ସକାଳ ୧୦ କିମ୍ବା ତା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ପହଞ୍ଚିବାକୁ ସିବିଏସଇ ନିର୍ଦ୍ଦେଶ ଦେଇଛି । ଏନେଇ ସିବିଏସଇ ସ୍କୁଲ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ପରାମର୍ଶବଳୀ ଜାରି କରିଛି। କୁହାଯାଇଛି ଯେ ଛାତ୍ରଛାତ୍ରୀ ଚାହିଁଲେ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ । ତେବେ ପ୍ରଥମ ବୋର୍ଡ ପରୀକ୍ଷା ଦେଇ ନ ଥିଲେ ଦ୍ୱିତୀୟ ବୋର୍ଡ ଦେଇପାରିବେନି । ପ୍ରଥମ ବୋର୍ଡ଼ ପରୀକ୍ଷା ବାଧ୍ୟତାମୂଳକ ଅଟେ । ପ୍ରଥମ ବୋର୍ଡ଼ରେ ଅତିକମଥରେ ୩ ଟି ବିଷୟରେ ବା ତା'ଠୁ ଅଧିକ ବିଷୟରେ ପରୀକ୍ଷା ଦେଇଥିଲେ ଦ୍ୱିତୀୟ ବୋର୍ଡ ଦେଇ ପାରିବେ । ଦ୍ୱିତୀୟ ବୋର୍ଡରେ ଗଣିତ, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ଲାଙ୍ଗୁଏଜ ବିଷୟରୁ ଯେ କୌଣସି ୩ ଟି ବିଷୟରେ ପରୀକ୍ଷା (ରିପିଟ୍) ଦେଇପାରିବେ । ସର୍ବାଧିକ ମାର୍କ ହିସାବକୁ ନିଆଯିବ । ପ୍ରଥମ ବୋର୍ଡ ପରୀକ୍ଷା ଦେଇ ନଥିଲେ "ଏସଏନସିଆଲ ରିପିଟ " ବର୍ଗରେ ରହିବେ । ଫଳରେ ତା' ପର ବର୍ଷ ବୋର୍ଡ ଦେବେ ।

ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର, ୧୬।୨ : ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ଜଣାଶୁଣା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ(୭୯)ଙ୍କ ସୋମବାର ରାତି ୮ଟା ୫୦ ମିନିଟ୍‌ରେ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିବାରୁ ନିଜ ବାସଭବନରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚାଲିଥିଲା ଚିକିତ୍ସା । ସଂଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ପାଣିଗ୍ରାହୀଙ୍କ ଦେହାନ୍ତ ହୋଇଛି । ଡାକ୍ତର ପାଣିଗ୍ରାହୀ ପଶ୍ଚିମ ଓଡ଼ିଶାର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ଜଣେ ଦକ୍ଷ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଭାବେ ବୁର୍ଲା ଭିମସାର ଏବଂ ସମ୍ବଲପୁରରେ ଦୀର୍ଘ ଦଶନ୍ଧି ଧରି ଲୋକଙ୍କ ସେବା କରିଆସୁଥିଲେ । ୨୦୧୪ ମସିହାରେ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ଦେହାନ୍ତ ଖବର ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଶୋକ ପ୍ରକଟ କରିଛନ୍ତି ।

ଖୁବ୍ ଶୀଘ୍ର ରତ୍ନଭଣ୍ଡାର ଗଣତିମଣତି

- ଗଣତିମଣତି ଏସଓପି ନେଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ଅଳଙ୍କାର ଫଟୋଗ୍ରାଫ ସହିତ ହେବ ଡିଜିଟାଲ୍ କାଟାଲଗ୍

ଭୁବନେଶ୍ୱର, ୧୬।୨(ନିପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍ ଶୀଘ୍ର ଗଣତି-ମଣତି ଆରମ୍ଭ ହେବ। ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣାଯାଇଛି। ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସୂଚନାଯୋଗ୍ୟ ଯେ, ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷ

ବର୍ଷର ପ୍ରଥମ ସୂର୍ଯ୍ୟଗ୍ରହଣ ଫେବୃଆରୀ ୧୭ ତାରିଖ ମଙ୍ଗଳବାର ହେବ । ଏହି ଗ୍ରହଣ ଫାଲଗୁନ ମାସର ଅମାବାସ୍ୟା ଦିନ ଅପରାହ୍ନ ୩:୨୬ ରୁ ସନ୍ଧ୍ୟା ୭:୫୭ ପର୍ଯ୍ୟନ୍ତରହିବ। ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଣକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

ବିଶ୍ୱାସ କରାଯାଏ ଯେ ରାହୁ ଏବଂ କେତୁ, ଛାୟା ଗ୍ରହ, ଏକ ଗ୍ରହଣ ସମୟରେ ସୂର୍ଯ୍ୟ ଏବଂ ଚନ୍ଦ୍ରକୁ ଗ୍ରାସ କରନ୍ତି। ଗ୍ରହଣ ଏକ ଜ୍ୟୋତିର୍ବିଜ୍ଞାନୀୟ ଘଟଣା ଯେଉଁଥିରେ କୁହାଯାଏ ଯେ ଯେତେବେଳେ ଚନ୍ଦ୍ର ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଗତି କରେ, ସୂର୍ଯ୍ୟଙ୍କ ପ୍ରତିଛବି ଅସ୍ଥାୟୀ ଭାବରେ ଚନ୍ଦ୍ର ପଛରେ ଲୁଚି ରହିଥାଏ। ଶାସ୍ତ୍ରରେ ସୂର୍ଯ୍ୟଗ୍ରହଣ ସମ୍ପର୍କରେ ଅନେକ ନିୟମ କୁହାଯାଇଛି। ଏହି ସମୟରେ କିଛି କାର୍ଯ୍ୟ ନିଷେଧ ହୋଇଥାଏ, କାରଣ ଏହା କରିବା ଦ୍ୱାରା ଆମ ଜୀବନରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ।

ଗର୍ଭବତୀ ମହିଳାମାନେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ

ସୂର୍ଯ୍ୟଗ୍ରହଣ ସମୟରେ ଗର୍ଭବତୀ ମହିଳାମାନେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ବିଶ୍ୱାସ କରାଯାଏ। ଏହି ସମୟରେ ସେମାନେ ଖାଇବା କିମ୍ବା ପିଇବା, ଛୁଞ୍ଚି, ସୂତା, କଇଁଚି ଇତ୍ୟାଦି ବ୍ୟବହାର କରିବାରୁ ବଞ୍ଚିବା ଉଚିତ। ଏହା ବ୍ୟତୀତ, ଗର୍ଭବତୀ ମହିଳାମାନେ ଗ୍ରହଣର ଛାୟାରୁ ଦୂରେଇ ରହିବାକୁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ। ଏହାର ଛାଇ ଗର୍ଭସ୍ଥ ଶିଶୁ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ।

ଭଗବାନଙ୍କ ମୂର୍ତ୍ତିକୁ ସ୍ପର୍ଶ କରନାହିଁ

ସୂର୍ଯ୍ୟଗ୍ରହଣ ସମୟରେ, ପ୍ରାର୍ଥନା ଗୃହ କିମ୍ବା ମନ୍ଦିରରେ ଥିବା ଭଗବାନଙ୍କ ମୂର୍ତ୍ତିଗୁଡ଼ିକୁ ଭୁଲରେ ବି ସ୍ପର୍ଶ କରିବା ଉଚିତ୍ ନୁହେଁ। ଏହା ବ୍ୟତୀତ, ଏହି ସମୟରେ ମନ୍ଦିର ଖୋଲା ରଖିବା ଉଚିତ୍ ନୁହେଁ ଯାହା ଦ୍ୱାରା ଭଗବାନ ଗ୍ରହଣ ଦେଖିପାରିବେ ନାହିଁ। ଏହି ନିୟମ ପାଳନ କରିବା ଦ୍ୱାରା ଘରେ ସୁଖ ଏବଂ ସମୃଦ୍ଧି ସୁନିଶ୍ଚିତ ହୁଏ।

ଶ୍ମଶାନ ଭୂମି କିମ୍ବା ନିର୍ଜନ ସ୍ଥାନକୁ ଯିବାରୁ ଦୂରେଇ ରୁହନ୍ତୁ

ଏହା ବିଶ୍ୱାସ କରାଯାଏ ଯେ ସୂର୍ଯ୍ୟଗ୍ରହଣ ସମୟରେ, କେହି ଏକା କୌଣସି ନିର୍ଜନ ସ୍ଥାନକୁ କିମ୍ବା ଶ୍ମଶାନ ଭୂମି ନିକଟରେ ଯିବା ଉଚିତ୍ ନୁହେଁ। ଏହି ସମୟରେ ନକାରାତ୍ମକ ଶକ୍ତିର ପ୍ରଭାବ ବୃଦ୍ଧି ପାଏ ବୋଲି ବିଶ୍ୱାସ କରାଯାଏ। ଏହି ନକାରାତ୍ମକ ଶକ୍ତିରୁ ନିଜକୁ ରକ୍ଷା କରିବା ପାଇଁ, ଘରେ ରହି ଈଶ୍ୱରଙ୍କ ଧ୍ୟାନ କରିବା ଉଚିତ।

ଏହା ବିଶ୍ୱାସ କରାଯାଏ ଯେ ସୂତକ କାଳ ପରେ ଏବଂ ସୂର୍ଯ୍ୟଗ୍ରହଣ ପର୍ଯ୍ୟନ୍ତ, ଭୁଲରେ ମଧ୍ୟ କୌଣସି ଅସହାୟ କିମ୍ବା ଗରିବ ବ୍ୟକ୍ତିଙ୍କୁ ଅପମାନ କରିବା ଉଚିତ୍ ନୁହେଁ। ଏହା କରିବା ଦ୍ୱାରା ଭଗବାନ ଶନିଦେବଙ୍କ କୁଦୃଷ୍ଟି ଆପଣଙ୍କ ଉପରେ ପଡ଼ିପାରେ। ଏହା ସହିତ, ଗ୍ରହଣ ସମୟରେ ଘରୋଇ କଳହ ଏବଂ ଯୁକ୍ତିତର୍କକୁ ଏଡାଇବା ଉଚିତ। ନଚେତ୍, ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ।

ସୂର୍ଯ୍ୟଗ୍ରହଣ ସମୟରେ କ'ଣ କରିବା ଉଚିତ ?

ଶାସ୍ତ୍ର ଅନୁସାରେ, ସୂର୍ଯ୍ୟଗ୍ରହଣ ସମୟରେ ଗର୍ଭବତୀ ମହିଳାମାନେ ସର୍ବଦା ସେମାନଙ୍କ ସହିତ ଏକ ନଡ଼ିଆ ରଖିବା ଉଚିତ। ସେମାନେ ଏହାକୁ ପାଖରେ ରଖି ଶୋଇବା ମଧ୍ୟ ଉଚିତ। ଏହା ସେମାନଙ୍କୁ ଗ୍ରହଣର ଛାୟାର କୁପ୍ରଭାବରୁ ରକ୍ଷା କରିଥାଏ। ଏହା ବ୍ୟତୀତ, ଏହି ସମୟରେ ସେମାନେ ଘର ଭିତରେ ରହିବା ଉଚିତ। ସୂର୍ଯ୍ୟଗ୍ରହଣ ସମୟରେ ମାନସିକ ପୂଜା ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଧ୍ୟାନ, ଈଶ୍ୱରଙ୍କୁ ପ୍ରାର୍ଥନା ଏବଂ ମନ୍ତ୍ର ଜପ କରିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଏହା ଜୀବନରେ ସୁଖ, ସମୃଦ୍ଧି ଏବଂ ଶାନ୍ତି ଆଣିଥାଏ ଏବଂ ଅତ୍ୟନ୍ତ ଶୁଭ ଫଳ ମଧ୍ୟ ଆଣିଥାଏ। ଏହା ବିଶ୍ୱାସ କରାଯାଏ ଯେ ସୂର୍ଯ୍ୟଗ୍ରହଣ ପରେ ସ୍ନାନ କରିବା ଉଚିତ। ତା'ପରେ, ସାରା ଘରେ ଗଙ୍ଗା ଜଳ ସିଞ୍ଚନ କରନ୍ତୁ। ଗ୍ରହଣ ପରେ ଦାନ କରିବା ଉଚିତ, ଏବଂ ସ୍ନାନ ପରେ ଦେବତାଙ୍କ ମୂର୍ତ୍ତି ସ୍ଥାପନ ଏବଂ ପୂଜା କରିବା ଉଚିତ।

ଲଙ୍କାପୁରୀ ଧ୍ୱଂସ



ଲଙ୍କାରେ ନିଆଁ ପ୍ରଭୁ ବଜରଙ୍ଗବାଲୀ ବା ହନୁମାନ ଲଗାଇଥିଲେ। କିନ୍ତୁ କଣ ଜାଣିଛନ୍ତି କି ଏହି ଘଟଣା ମାତା ପାର୍ବତୀଙ୍କ ଅଭିଶାପ କାରଣରୁ ହୋଇଥିଲା। ମା' ପାର୍ବତୀ ଲଙ୍କା ଜଳିବାର ଅଭିଶାପ କାହିଁକି ଏବଂ କିପରି ଦେଇଥିଲେ। ଉଲ୍ଲେଖ ରହିଛି ଥରେ ମାତା ପାର୍ବତୀ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ କୈଳାସରେ ଭୋଜନ କରିବାକୁ ଆମନ୍ତ୍ରିତ କରିଥିଲେ। ସେହି ସମୟରେ ମା' ଲକ୍ଷ୍ମୀ ପାର୍ବତୀଙ୍କୁ ପଚାରିଥିଲେ ଆପଣ ଏପରି ଥଣ୍ଡା ପବନ ମଧ୍ୟରେ କିପରି ରହୁଛନ୍ତି। ଏପରି କଥା ମାତା ପାର୍ବତୀଙ୍କୁ ଖୁବ୍ ମର୍ମାହତ କରିଥିଲା। କିଛି ଦିନ ପରେ ମାତା ଲକ୍ଷ୍ମୀ ଦେବୀ ପାର୍ବତୀଙ୍କୁ ନିଜର ବୈକୁଣ୍ଠ ଧାମକୁ ନିମନ୍ତ୍ରଣ କରିଥିଲେ। ଏହାପରେ ଦେବୀ ପାର୍ବତୀ ମାତା ଲକ୍ଷ୍ମୀଙ୍କ ନିମନ୍ତ୍ରଣରେ ଭଗବାନ ଶଙ୍କରଙ୍କ ସହ ବୈକୁଣ୍ଠରେ ପହଞ୍ଚିଥିଲେ। ସେଠାରେ ଦେବୀ ପାର୍ବତୀ ବୈକୁଣ୍ଠ ଧାମର ବୈଭବ ଏବଂ ଐଶ୍ୱର୍ଯ୍ୟ ଦେଖି ଭୋଳାନାଥଙ୍କୁ ଏହିଭଳି ଏକ ଅତ୍ୟନ୍ତ ବୈଭବଶାଳୀ ମହଲ ନିର୍ମାଣ କରିବା ପାଇଁ କହିଥିଲେ। ପ୍ରଥମେ ଭୋଳାନାଥ ମାତା ପାର୍ବତୀଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଦେବୀ ପାର୍ବତୀ ନମାନିବାରୁ ଶଙ୍କର ଭଗବାନ ବିଶ୍ୱକର୍ମାଙ୍କୁ ମହଲ ନିର୍ମାଣ କରିବା ଦାୟିତ୍ୱ ଦେଇଥିଲେ। ପରେ ବିଶ୍ୱକର୍ମା ସୁନାର ମହଲ ନିର୍ମାଣ କରିଥିଲେ। ସୁନାର ମହଲ ନିର୍ମାଣ ହେବା ପରେ ମାତା ପାର୍ବତୀ ସମସ୍ତ ଦେବୀ-ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ଘରର ବାସ୍ତୁ ପ୍ରତିଷ୍ଠା ପୂଜା କରିବା ପାଇଁ ଅତ୍ୟନ୍ତ ବିଦ୍ୱାନ ରାବଣଙ୍କ ପିତା ଋଷି ବିଶ୍ରବାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମହଲର ଚାକଚକ୍ୟ ଦେଖିବା ପରେ ଋଷି ବିଶ୍ରବା ଏହି ମହଲକୁ ଦାନରେ ମାଗିଥିଲେ। ଏଥିରେ ଭଗବାନ ଶଙ୍କର ମଧ୍ୟ ତାଙ୍କୁ ନିରାଶ ନ କରି ମହଲକୁ ଦାନ କରିଦେଇଥିଲେ। ଏଥିରେ ମାତା ପାର୍ବତୀ ଖୁବ ଦୁଃଖିତ ହୋଇଥିଲେ ଏବଂ ସେ ଋଷି ବିଶ୍ରବାଙ୍କୁ ଦାନରେ ନେଇଥିବା ମହଲକୁ ଜଳି ଯିବାର ଅଭିଶାପ ଦେଇଥିଲେ। କିନ୍ତୁ ଏହି ଘଟଣାରେ ଭଗବାନ ବଜରଙ୍ଗବାଲୀ ସୁନାର ଲଙ୍କାପୁରୀକୁ ଜଳାଇ ଭସ୍ମ କରିଥିବାର ଉଲ୍ଲେଖ ରହିଛି।

ମଣିଷର ପରିଚୟ

ଚରିତ୍ର

ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ ।



ଗୋଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ । ସେ ବେଦ ଏବଂ ଶାସ୍ତ୍ରରେ ପାରଙ୍ଗମ ହୋଇଥିଲେ ବି ତାଙ୍କ ନିକଟରେ ଧନର ଅଭାବ ରହିଥିଲା । ସେ ଭିକ୍ଷାଟନ କରି ପେଟ ପୋଷୁଥିଲେ । ଦିନେ ସେହି ପଣ୍ଡିତ ନିକଟସ୍ଥ ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଗଲେ । ସେ ଚିରାଫଟା ପୋଷାକ ପିନ୍ଧିଥିଲେ । ପଣ୍ଡିତ ସେହି ଗାଁର ଜଣେ ବ୍ୟକ୍ତିଙ୍କ କବାଟ ବାଡ଼େଇଲେ । ଶବ୍ଦ ଶୁଣି ଘର ଭିତରୁ ଜଣେ ବ୍ୟକ୍ତି ବାହାରି ଆସିଲେ । ସେ ଚିରାଫଟା ବସ୍ତ୍ର ପିନ୍ଧି ଛିଡ଼ା ହୋଇଥିବା ପଣ୍ଡିତଙ୍କୁ ଦେଖି ଘୃଣା କଲେ ଏବଂ ଧକ୍କା ମାରି ଘରୁ ବାହାର କରିଦେଲେ । ପଣ୍ଡିତ ସେଠାରୁ ଫେରିଆସି ରାସ୍ତାରେ ଆଗେଇ ଚାଲିଲେ । ଏହି ସମୟରେ ଜଣେ ଧନୀବ୍ୟକ୍ତି ତାଙ୍କୁ ଦେଖିଲେ । ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ । ବ୍ୟକ୍ତି ଜଣକ କବାଟ ଖୋଲି ବାହାରକୁ ଆସି ଦେଖିଲେ ଯେ ନୂତନ ବସ୍ତ୍ର ପିନ୍ଧି ପଣ୍ଡିତ ଜଣେ ଛିଡ଼ା ହୋଇଛନ୍ତି । ସେ ତାଙ୍କୁ ଭିତରକୁ ପାଛୋଟି ନେଲେ ଏବଂ ଭଲ ଭଲ ଜିନିଷ ଖାଇବାକୁ ଦେଲେ । ପଣ୍ଡିତ କିନ୍ତୁ ଥରେ ହେଲେ ସେହି ସବୁ ଜିନିଷ ଖାଇଲେ ନାହିଁ । ଓଲଟି ସବୁତକ ଖାଦ୍ୟ ଦ୍ରବ୍ୟ ନିଜ ନୂଆ କପଡ଼ାରେ ବୋଳିବାକୁ ଲାଗିଲେ । ଏହାଦେଖି ସେହି ବ୍ୟକ୍ତି ଜଣକ ଚକିତ ହୋଇପଡ଼ି ପଣ୍ଡିତଙ୍କୁ ଏହାର କାରଣ ପଚାରିଲେ । ପଣ୍ଡିତ କହିଲେ, କାଲି ତୁମେ ମୋତେ ଚିରାଫଟା ପୋଷାକରେ ଦେଖି ଧକ୍କା ମାରି ବାହାର କରିଦେଇଥିଲ । ଆଜି ତୁମେ ମୋର ନୂଆ ପୋଷାକ ଦେଖି ଖାଇବାକୁ ଦେଇଛ । ତେଣୁ ତୁମେ ମୋତେ ଏହି ଖାଦ୍ୟ ଦେଇନାହିଁ, ମୋର ନୂଆ ପୋଷାକକୁ ଦେଇଛ । ଏଥର ବ୍ୟକ୍ତିଜଣକ ନିଜର ଭୁଲ୍ ବୁଝିପାରି ଲଜ୍ଜିତ ହେଲେ । ଏହି କଥାର ସାରମର୍ମ ହେଉଛି, ପୋଷାକ କୌଣସି ବ୍ୟକ୍ତି ପରିଚୟ କିମ୍ବା ସମ୍ମାନ ହୋଇନପାରେ । ବ୍ୟକ୍ତିର ଚରିତ୍ର ଏବଂ ଜ୍ଞାନ ହିଁ ତା'ର ପରିଚୟ ଏବଂ ସମ୍ମାନ ହେବା ଆବଶ୍ୟକ ।

ଗୀତା ବାଣୀ

କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରାମର୍ଶ ଦେଇ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ଏହି ପ୍ରବର୍ତ୍ତାଇବା ସଫଳ ନ ହେବାରୁ ପୁନର୍ବାର ପରାମର୍ଶ ଦେବାକୁ ଆରମ୍ଭ କରିଥିଲେ ଓ କହିଥିଲେ, ''ସମତ୍ୱ' ରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନମାନର'' । ତେଣୁ ହେ, ଧନଞ୍ଜୟ, ନିଜର ସମତ୍ୱ (କର୍ମଫଳ ଉପରେ ସମଭାବ) ରକ୍ଷାକରି କର୍ମ କରିବାର ନିଷ୍ପତ୍ତି ନିଅ । ଯେଉଁମାନେ କର୍ମ ଫଳ ଉପରେ ଆଶା ରଖନ୍ତି ସେହି ଲୋକମାନେ ଅତ୍ୟନ୍ତ ଦୀନ । ସମବୁଦ୍ଧିଯୁକ୍ତ ପୁରୁଷ ପୂଣ୍ୟ ଓ ପାପକୁ ଇହଲୋକରେ ତ୍ୟାଗ କରିଦିଅନ୍ତି । ଅର୍ଥାତ ସମବୁଦ୍ଧିଯୁକ୍ତ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତି ପାଇ ପାରିବେ । ସମବୁଦ୍ଧିଯୁକ୍ତ ଶ୍ରେଣୀର ବ୍ୟକ୍ତିମାନେ କର୍ମ ଦ୍ୱାରା ଉତ୍ପନ୍ନ ହେଉଥିବା ଫଳକୁ ତ୍ୟାଗ କରି ଜନ୍ମ ବନ୍ଧନରୁ ମୁକ୍ତ ହୋଇ ପରମପାଦ ପ୍ରାପ୍ତ ହୁଅନ୍ତି । ହେ ପାର୍ଥ, ତୁମେ ମୋହ ତ୍ୟାଗ କରିପାରିଲେ ଇହଲୋକ ଓ ପରଲୋକରେ ପ୍ରାପ୍ତ ହେଉଥିବା ସମସ୍ତ ପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଥାଏ ।

ତ୍ରିଫଳା

ସୁସ୍ଥ ଯକୃତ ପାଇଁ ସହାୟକ...

ଶରୀରକୁ ବିଷମୁକ୍ତ କରିବା, ମେଟାବୋଲିଜିମ(ବିପାକ କ୍ରିୟା)କୁ ନିୟନ୍ତ୍ରଣ କରିବା ଏବଂ ହଜମରେ ସାହାଯ୍ୟ କରିବା ସର୍ବୋପରି ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଯକୃତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ

ଖାଦ୍ୟ, ପ୍ରଦୂଷଣ ଏବଂ ଚାପରୁ ବିଷାକ୍ତ ପଦାର୍ଥର ବୃଦ୍ଧି ସହିତ, ଯକୃତ ସ୍ୱାସ୍ଥ୍ୟ ବଜାୟ ରଖିବା ଅତ୍ୟାବଶ୍ୟକ ହୋଇପଡୁଛି। ଆୟୁର୍ବେଦର ତ୍ରିଫଳା ଏହାର ପ୍ରାକୃତିକ ସମାଧାନ ପ୍ରଦାନ କରେ। ଏକ ପ୍ରାଚୀନ ଔଷଧୀୟ ପ୍ରସ୍ତୁତି ହେଉଛି ତ୍ରିଫଳା। କେବଳ ଯକୃତ ସ୍ୱାସ୍ଥ୍ୟକୁ ଏହା ପ୍ରୋତ୍ସାହିତ କରେ ନାହିଁ କହିବାକୁ ଗଲେ ସାମଗ୍ରିକ ସୁସ୍ଥତାକୁ ସହାୟତା କରେ। ତ୍ରିଫଳା, ଯେଉଁଥିରେ ତିନୋଟି ଫଳ ଥାଏ - ଅଁଳା (ଭାରତୀୟ ଗୁଜବେରୀ), ବାହାଡା (ଟର୍ମିନାଲିଆ ବେଲିରିକା), ଏବଂ ହରିଡା (ଟର୍ମିନାଲିଆ ଚେବୁଲା)। ଶତାବ୍ଦୀ ଶତାବ୍ଦୀ ଧରି ଯକୃତକୁ ସଫା କରିବା, ବିଷମୁକ୍ତ କରିବା ଏବଂ ପୁନର୍ଜୀବିତ କରିବା ପାଇଁ ମଣିଷଙ୍କ ପାଇଁ ବ୍ୟବହୃତ ହୋଇଆସୁଛି।

ତ୍ରିଫଳା କିପରି ଯକୃତ ସ୍ୱାସ୍ଥ୍ୟକୁ ସହାୟତା କରେ:

ଆୟୁର୍ବେଦରେ, ଯକୃତ ପିତ୍ତ ଦୋଷ ସହିତ ଘନିଷ୍ଠ ଭାବରେ ଜଡିତ। ଯାହା ଶରୀରରେ ଉତ୍ତାପ ଏବଂ ମେଟାବୋଲିଜିମକୁ ନିୟନ୍ତ୍ରଣ କରେ। ଯେତେବେଳେ ପିତ୍ତ ଖରାପ ହୁଏ ତାହା ପଛର କାରଣ ଖାଦ୍ୟ, ଜୀବନଶୈଳୀ ପସନ୍ଦ କିମ୍ବା ଚାପ। ମାତ୍ର ତ୍ରିଫଳା ପିତ୍ତକୁ ଶାନ୍ତ କରେ। ଯକୃତକୁ ବିଷମୁକ୍ତ କରେ ଏବଂ ସୁସ୍ଥ ଯକୃତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ।

ଯକୃତକୁ ବିଷମୁକ୍ତ କରିଥାଏ:

ଯକୃତ ଶରୀରର ପ୍ରାଥମିକ ବିଷମୁକ୍ତି ଅଙ୍ଗ, ରକ୍ତରୁ ବିଷାକ୍ତ ପଦାର୍ଥକୁ ଛାଣି ସେଗୁଡ଼ିକୁ ନିର୍ଗତ କରିଥାଏ। ତ୍ରିଫଳା ବିଷାକ୍ତ ପଦାର୍ଥକୁ ଦୂର କରି ଯକୃତକୁ ସଫା କରିବାର କ୍ଷମତା ପାଇଁ ଜଣାଶୁଣା। ତ୍ରିଫଳାରେ ଥିବା ମୁଖ୍ୟ ଉପାଦାନ ମଧ୍ୟରୁ ଗୋଟିଏ, ଅଁଳା ଯାହାର ରହିଛି ଆଣ୍ଟିଅକ୍ସିଡାଣ୍ଟ ଗୁଣ। ଯକୃତ କୋଷଗୁଡ଼ିକୁ କ୍ଷତି ପହଞ୍ଚାଇପାରୁଥିବା ମୁକ୍ତ ରିଭାଣୁ ବା ରାଡିକାଲ୍‌କୁ ନିରପେକ୍ଷ କରିବାରେ ସାହାଯ୍ୟ କରେ। ଏହା ସହିତ, ହରିଡା ଏବଂ ବାହାଡ଼ ଯକୃତ କାର୍ଯ୍ୟକୁ ଉନ୍ନତ କରିବା ଏବଂ ଜମା ହୋଇଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ପାଇଁ ସମନ୍ୱୟଶୀଳ ଭାବରେ କାର୍ଯ୍ୟ କରେ।

୨. ସୁସ୍ଥ ଯକୃତ କାର୍ଯ୍ୟକୁ ପ୍ରୋତ୍ସାହିତ କରେ:

ତ୍ରିଫଳା ହଜମ ଏବଂ ମେଟାବୋ[redacted]ରି ସାମଗ୍ରିକ ଯ[redacted]ନ କରେ। ଯକୃତ [redacted] ପ୍ରକ୍ରିୟାକରଣ ପାଇଁ ଦାୟୀ, ଏବଂ ଏକ ସ୍ୱ[redacted] ଏବଂ ପୋଷକ ତତ୍ତ୍ୱ ଅବଶୋଷଣକୁ ସୁନି[redacted] ଏନଜାଇମକୁ ଉତ୍ତେଜିତ କରି ଏବଂ ପିତ୍ତ ଉ[redacted] ତ୍ରିଫଳା ଲିଭରକୁ ଅଧିକ ପ୍ରଭାବଶାଳୀ ଭ[redacted] କରିବାକୁ ସାହାଯ୍ୟ କରେ। ଏହା କେବଳ ହଜମରେ ସାହାଯ୍ୟ କରେ ନାହିଁ ବରଂ ଯକୃତ ସ୍ଥିରତାକୁ ମଧ୍ୟ ରୋକେ, ଯାହା ଫ୍ୟାଟି ଲିଭର ରୋଗ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।

୩. ଯକୃତରେ ପ୍ରଦାହ ହ୍ରାସ କରେ:

ଦୀର୍ଘକାଳୀନ ପ୍ରଦାହ ହେଉଛି ଯକୃତ ରୋଗର ଏକ ପ୍ରାଥମିକ କାରଣ, ଯେଉଁଥିରେ ଫ୍ୟାଟି ଲିଭର, ହେପାଟାଇଟିସ୍ ଏବଂ ସିରୋସିସ୍ ଭଳି ଅବସ୍ଥା ଅନ୍ତର୍ଭୁକ୍ତ। ତ୍ରିଫଳାରେ ଶକ୍ତିଶାଳୀ ଆଣ୍ଟି-ଇଞ୍ଫ୍ଲେମାଟ୍ରି ଗୁଣ ରହିଛି ଯାହା ଯକୃତରେ ପ୍ରଦାହ କମ କରିବାରେ ସାହାଯ୍ୟ କରେ। ଅଁଳା ଭିଟାମିନ୍ ସି'ରେ ଭରପୂର, ଯାହା ପ୍ରଦାହ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ ଯକୃତ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ। ହରିଡା ଏବଂ ବାହାଡ଼ା ମଧ୍ୟ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ, ସାମଗ୍ରିକ ଯକୃତ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ।

୪. ପିତ୍ତ ଦୋଷକୁ ସନ୍ତୁଳିତ କରେ:

ଯକୃତ ସିଧାସଳଖ ପିତ୍ତ ଦୋଷ ସହିତ ଜଡିତ, ଯାହା ମେଟାବୋଲିଜିମ୍ ଏବଂ ହଜମକୁ ନିୟନ୍ତ୍ରଣ କରେ। ଯେତେବେଳେ ପିତ୍ତ ବଢ଼ିଯାଏ, ଏହା ଯକୃତ ଅସନ୍ତୁଳନ ସୃଷ୍ଟି କରିପାରେ । ଉତ୍ତାପ-ସମ୍ବନ୍ଧୀୟ ଅବସ୍ଥା ଯେପରିକି ପ୍ରଦାହ, ବଦହଜମୀ ଏବଂ ଯକୃତ ରୋଗର କାରଣ ହୋଇପାରେ। ତ୍ରିଫଳା, ଏହାର ଶୀତଳ ଗୁଣ ସହିତ, ପିତ୍ତ ଦୋଷକୁ ଶାନ୍ତ [redacted]ରିବାରେ ସାହାଯ୍ୟ କରେ, ଯକୃତର ଉତ୍ତାପ ହ୍ରାସ [redacted]ରେ ଏବଂ ଶରୀର ମଧ୍ୟରେ ସନ୍ତୁଳନକୁ ପ୍ରୋତ୍ସାହିତ କରେ। [redacted]ତକୁ ସନ୍ତୁଳିତ କରେ। ତ୍ରିଫଳା ଯକୃତ ବିକାରକୁ ରୋକିବାରେ [redacted]ହାଯ୍ୟ କରେ ଏବଂ ସୁସ୍ଥ ଯକୃତ କାର୍ଯ୍ୟକୁ ସୁନିଶ୍ଚିତ କରେ।

୫. ଓଜନ ପରିଚାଳନା ଏବଂ ଚର୍ବି ମେଟାବୋଲିଜିମ୍ ସମର୍ଥନ କରେ:

ଯକୃତର ଏକ ପ୍ରମୁଖ କାର୍ଯ୍ୟ ହେଉଛି ଚର୍ବି ବିପାକ କରିବା। ଯେତେବେଳେ ଯକୃତ ବିଷାକ୍ତ ପଦାର୍ଥ କିମ୍ବା ପ୍ରଦାହ ସହିତ ଅତ୍ୟଧିକ ଭାରାକ୍ରାନ୍ତ ହୁଏ, ଚର୍ବି ମେଟାବୋଲିଜିମ୍ ଧୀର ହୋଇଯାଏ, ଯାହା ଫ୍ୟାଟି ଲିଭର ରୋଗ ଏବଂ ଓଜନ ବୃଦ୍ଧି ଭଳି ପରିସ୍ଥିତି ସୃଷ୍ଟି କରେ। ତ୍ରିଫଳା ଯକୃତର କାର୍ଯ୍ୟକୁ ଉନ୍ନତ କରି ଏବଂ ଯକୃତରେ ଚର୍ବି ଜମାକୁ ହ୍ରାସ କରେ।

ଯକୃତ ସ୍ୱାସ୍ଥ୍ୟ ପାଇଁ ତ୍ରିଫଳା ବ୍ୟବହାର କରିବା ବିଷୟରେ ବ୍ୟକ୍ତିଗତ ପରାମର୍ଶ ପାଇଁ, ଜଣେ ଅଭିଜ୍ଞ ଆୟୁର୍ବେଦିକ ଚିକିତ୍ସକଙ୍କ ସହିତ ପରାମର୍ଶ କରିବାକୁ ସର୍ବଦା ପରାମର୍ଶ ଦିଆଯାଇଆସିଛି।

ପୁତୁରା ମାଡ଼ରେ ପୀଉସା ଲହୁଲୁହାଣ

ଆସିକା (ନିପ୍ର): ଆସିକା ଥାନା କର୍ଣ୍ଣଳି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା ପୁତୁରା ମାଡ଼ରେ ପିଉସା ହୋଇଛି ଲହୁ ଲୁହାଣ। ଏନେଇ ଆସିକା ଥାନାରେ ଅଭିଯୋଗ ଆସିକା ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଆସିକା ଥାନା ଅଧୀନ କର୍ଣ୍ଣଳି ଗ୍ରାମର ନିଜ ଶ୍ୱଶୁର ଘରକୁ ଗତ ୧୦ତାରିଖ ଦିନ ବିପିନ ବିଷୋୟୀ ଆସିଥିଲେ। ଉକ୍ତ ଦିନ ବିପିନ ବିଷୋୟୀଙ୍କ ଶଳା ମଙ୍ଗୁଲୁ ସ୍ୱାଇଁ ନିଜ ବିଲକୁ ପାଣି ମଡ଼ାଇବା ପାଇଁ ସନ୍ଧ୍ୟା ୫.୩୦ ସମୟରେ ମଙ୍ଗୁଲୁ ସ୍ୱାଇଁଙ୍କ ଦାଦା ପୁଅ ଭାଇ କାର୍ତ୍ତିକ ସ୍ୱାଇଁ (୧୮) ମଦ ପିଇ ଉଭୟ ବିପିନ ଓ ମଙ୍ଗୁଲୁ କୁ ଗାଳି ଗୋଲାଜ କରିଥିଲା। ଉଭୟ ପାଟିତୁଣ୍ଡ ପରେ ଘଟଣା ସ୍ଥଳରୁ କାର୍ତ୍ତିକ ଫେରାର ହୋଇଯାଇଥିଲା। ପୁଣି ସନ୍ଧ୍ୟା ୮ଘଣ୍ଟା ସମୟରେ କାର୍ତ୍ତିକ ସ୍ୱାଇଁ ତାର ବାପା ତ୍ରିନାଥ ସ୍ୱାଇଁ (୪୨), ଦୁଃଖିଶ୍ୟାମ ଗୌଡ଼ ମିଶି ମଙ୍ଗୁଲୁ ସ୍ୱାଇଁ ଘରକୁ ଯାଇଥିଲେ ସେଠାରେ ଘର କବାଟ ପଡିଥିବାରୁ ଘରର କବାଟକୁ ଧକ୍କା ମାରି ଭାଙ୍ଗି ଘରେ ପଶି ମଙ୍ଗୁଲୁକୁ ଜୀବନରେ ମାରିଦେବା ଉଦେଶ୍ୟରେ କାର୍ତ୍ତିକ ଏକ କାଠ ଫାଳିଆ ରେ ମଙ୍ଗୁଲୁର ମୁଣ୍ଡକୁ ଲକ୍ଷ କରି ମାଡ଼ ମାରିଥିଲା। ମଙ୍ଗୁଲୁ ହାତ ଦେଇ ଅଟକେଇ ବାରୁ ତାର ହାତରେ ଭୀଷଣ ମାଡ଼ ହୋଇଥିଲା। ଏହା ଦେଖି ବିପିନ ନିଜ ଶଳା ମଙ୍ଗୁଲୁକୁ ବଞ୍ଚାଇବାକୁ ଆସିବାରୁ ତ୍ରିନାଥ ଏକ ଛୁରୀରେ ବିପିନର ମୁଣ୍ଡକୁ ଆଘାତ କରିଥିଲା ଫଳରେ ମୁଣ୍ଡ ଫାଟି ରକ୍ତ ବୋହିଥିଲା ସେ ଘଟଣା ସ୍ଥଳରେ ପଡ଼ି ଯାଇଥିଲା ପାଟିତୁଣ୍ଡ ଶୁଣି ପଡିଶା ଲୋକ ଆସିବାରୁ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପରିବାର ଲୋକ ବିପିନ କୁ ଆସିକା ମେଡିକାଲ କୁ ଆଣି ଚିକିତ୍ସା କରାଇଥିଲେ। ଏନେଇ ବିପିନ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଆସିକା ପୋଲିସର ଏସ ଆଇ ଏଲିସ୍ମିତା ଜେନା ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

୩୭ ଟି ଅଭିଯୋଗର ଶୁଣାଣି

ଡାବୁଗାଁ,(ନିପ୍ର): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିସନଶକ୍ତି ସଭାଗୃହରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ୩୭ଟି ଅଭିଯୋଗର ଶୁଣାଣି କରି ତାର ସମାଧାନ ନିମନ୍ତେ ଜିଲାର ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗର ଅଧିକାରୀ ମାନଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୩୭ ଟି ଅଭିଯୋଗ ମଧ୍ୟରୁ ୧୫ ଟି ଅଭିଯୋଗ ବ୍ୟକ୍ତିଗତ, ୨୨ ଟି ଅଭିଯୋଗ ଗୋଷ୍ଠୀଗତ ହୋଇ ଥିବା ବେଳେ ଡାବୁଗାଁ ବ୍ଲକ ସଦରମହକୁମା ଠାରେ ବ୍ରାହ୍ମଣ ସମାଜର ଏକ ବୈଠକ ଗୃହ ନିର୍ମାଣ ନିମନ୍ତେ ଜାଗା ପ୍ରଦାନ, ମେଦନା ଗ୍ରାମରେ ଖେଳ ପଡିଆ ନିର୍ମାଣ, ଜବାଗୁଡା ପଞ୍ଚାୟତର ଫୁଲଭଟ୍ଟା ଗ୍ରାମର ବିଦ୍ୟାଳୟର ଶିକ୍ଷକ ବଦଳି କରିବା, ଡ଼ଙ୍ଗରିଗୁଡା ଗ୍ରାମର ଘରତିହ ପଟ୍ଟା ପ୍ରଦାନ, ଜୁନାପାଣି ଧାନମଣ୍ଡିରେ ମିଲ ମାଲିକ ଙ୍କ ମନମାନୀ ଓ କୁଇଣ୍ଟାଲ ପିଛା ୧୦ ରୁ ୧୨ କି.ଗ୍ରା. ଧାନ କଟନୀ ଛଟନୀ କରାଯାଉଛି।

ବାଇକରୁ ଖସି ମହିଳା ଗୁରୁତର

ଭାପୁର,(ନିପ୍ର): ଫତେଗଡ଼ ଥାନା ବାଘୁଆପଲ୍ଲି ପଞ୍ଚାୟତ ଆଇଁଶିଆଖୋଲ ଗ୍ରାମର ବିଜୟ କୁମାର ଦାସ ଏବଂ ତାଙ୍କ ସ୍ତ୍ରୀ ଦିପ୍ତିମୟୀ ଦାସ (୩୦) ବାଇକ ଯୋଗେ ରବିବାର ଦିନ ନିଜ ଗ୍ରାମରୁ କୌଣସି କାର୍ଯ୍ୟରେ ଭାପୁର ବାଇପାସ ରାସ୍ତାରେ ଯାଉଥିଲେ। ଭାପୁର ନିକଟବର୍ତ୍ତୀ ବାଇପାସ ରାସ୍ତାରେ ତାଙ୍କ ସ୍ତ୍ରୀ ଅସାବଧାନବଶତଃ ଚଳନ୍ତା ବାଇକରୁ ଖସିପଡି ଗୁରୁତର ରୂପେ ଆହତ ହୋଇଥିଲେ। ତାଙ୍କୁ ସାଙ୍ଗସାଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ଆଶୁ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର ଯାଇଥିଲା ।ତାଙ୍କର ମୁଣ୍ଡରେ ଆଘାତ ଲାଗିବା ସହିତ ଆଖି, କାନ କ୍ଷତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ।

ଶହୀଦଙ୍କ ସ୍ମୃତିସଭାରେ ଛାତ୍ରଛାତ୍ରୀଙ୍କ ଶୋଭଯାତ୍ରା

ନିମାପଡ଼ା, (ନି.ପ୍ର.): ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ସ୍ୱର୍ଗତ ମନୋଜ ବେହେରାଙ୍କ ସ୍ମୃତିରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ରେଡ୍‌କ୍ରସ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୋଭାଯାତ୍ରାକୁ ମହାବିଦ୍ୟାଳୟ ଅଧକ୍ଷା ଅମିତା ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କଲେଜ ପରିସରରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ବ୍ଲକ୍ ଛକ, ଥାନା, ମୁଖ୍ୟ ବଜାର ଦେଇ ବିଭିନ୍ନ ସ୍ଲୋଗାନ ମାନ ସହ କଲେଜ ପରିସରରେ ପହଞ୍ଚି ଥିଲା । ଶହୀଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶୋଭାଯାତ୍ରାରେ ଏନ୍‌ସିସି ଅଧିକାରୀ ପ୍ରେମରାଜ ଗହିର, ପ୍ରଶାସନିକ ଅଧିକାରୀ ପ୍ରଦୀପ ଦାଶ, ରବୀନ୍ଦ୍ର ପାଢ଼ୀ, ଅବିସରପ୍ରାପ୍ତ ବାୟୁସେନା ଅଧିକାରୀ ଗିରିଶ ଚନ୍ଦ୍ର ସାହୁ, ପୋଲିସ ଅଧିକାରୀ ଅସିତ ଦାଶ, ଆଶୁତୋଷ ହରିଚନ୍ଦନ ପ୍ରମୁଖ ଯୋଗ ଦେଇ ଶହୀଦଙ୍କୁ ଯଥାରୀତି ସମ୍ମାନ ଜଣାଇ ଥିଲେ ।

ବିଧାନସଭାର ବଜେଟ ଅଧିବେଶନ

ସୁରକ୍ଷା ବ୍ୟବସ୍ଥାରେ ୩୫ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର(ନିପ୍ର): ମଙ୍ଗଳବାର ଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭା ବଜେଟ ଅଧିବେଶନ । ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ସୋମବାର ପୋଲିସ କମିଶନର୍ ଏସ୍. ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ । ଏଥିପାଇଁ ୩୪ ପ୍ଲାଟୁନ୍? ପୁଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କାଇଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ । ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ତାଙ୍କ ଅଧୀନରେ ୮ ଜଣ ଅତିରିକ୍ତ ଡିସିପି, ୨୪ ଜଣ ଏସିପି, ୨୭ ଜଣ ଇନ୍ସପେକ୍ଟର, ୧୧୦ ଜଣ ଏସଆଇ ଓ ଏଏସଆଇ ଦାୟିତ୍ୱରେ ରହିବେ । ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରିବା ପାଇଁ ବିଭିନ୍ନ ସ୍ଥାନରେ ସିଟିଟିଭି ଖଞ୍ଜା ଯାଇଛି। ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯାଇଛି । କଣ୍ଟ୍ରୋଲ୍ ରୁମ୍‌ରେ ପ୍ରତିଟି ଦିଗ ଉପରେ ନଜର ରଖାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ । ଅଧିବେଶନ ଆରମ୍ଭ ପୂର୍ବରୁ ଏବେଠାରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରହିବ ବିଧାନସଭା । ଲୋୟର ପିଏମଜି ରେ ବିଏନଏସ ୧୬୩ ଧାରା ଜାରି କରାଯିବ । ସିସିଟିଭି ସରଭେଲାନସ ଦ୍ୱାରା ବିଧାନସଭା ଓ ତାକୁ ଲାଗି ରହିଥିବା ସଂଲଗ୍ନ ସ୍ଥାନଗୁଡିକୁ ରଖାଯିବ । ଏହା ସହିତ ସମ୍ପୂର୍ଣ୍ଣ ପୁଲିସ୍ ପ୍ରଶାସନର କଡା ନଜରରେ ରହିବ ବିଧାନସଭ । ଗଣମାଧ୍ୟମରେ ପୋଲିସ କମିଶନର କହିଛନ୍ତି, ବିଧାନସଭାର ସୁରକ୍ଷା ପାଇଁ ୩୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ପାଖାପାଖି ୧୦୦ ପୋଲିସ ଅଫିସର ରହିଛନ୍ତି । ସୁରକ୍ଷା ପାଇଁ ସମସ୍ତ ଦିଗକୁ ଗୁରୁତ୍ୱ ଦିଆଯାଇଛି । ତେବେ ପୋଲିସ ଟିମ ସବୁ ସମୟରେ ସେବାରେ ରହିବ ବୋଲି ସେ କହିଛନ୍ତି । ୭ଟି ସ୍ଥାନରେ ୭ଟି କାଉଣ୍ଟର ଟେରରିଷ୍ଟ ସ୍କାର୍ଡକୁ ମୁତୟନ କରାଯାଇଛି । କୌଣସି ଆତଙ୍କବାଦୀ ପରିସ୍ଥିତିର ମୁକାବିଲା ପାଇଁ ସ୍ପେଶାଲ ଟାକ୍ଟିକାଲ ୟୁନିଟ (ଏସଟିୟୁ)କୁ ମୁତୟନ କରାଯାଇଛି । ପର୍ଯ୍ୟାପ୍ତ ସଂଖ୍ୟାରେ ସାଦା ପୋଷାକଧାରୀ ଅଫିସରଙ୍କୁ ମୁତୟନ କରାଯାଇଛି । ସାଇରନ ବାଜିଲେ କେଉଁ ଗେଟ ବନ୍ଦ କରିବେ, କେଉଁ ସ୍ଥାନରେ ସୁରକ୍ଷା କଡାକଡି କରିବେ ଆଦି ଦିଗ ପ୍ରତି ଅଧିକାରୀମାନେ ସଚେତନ ହୋଇଛନ୍ତି । ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଧ୍ୟାନ ଦିଆଯାଇଛି ବୋଲି ସିପି କହିଛନ୍ତି ।

ମୋବାଇଲ ଲୁଟେରା ଧରାପଡିଲା

ଭୁବନେଶ୍ୱର(ନିପ୍ର): ସହିଦନଗର ଥାନା ପୋଲିସ ସୋମବାର ଜଣେ ମୋବାଇଲ ଲୁଟେରାକୁ ଗିରଫ କରିଛି । ଗିରଫ ମୋବାଇଲ ଲୁଟେରାଙ୍କ ନାମ ଦୀପକ ଦାସ (୨୫) ଓ ତାଙ୍କ ଘର ଯାଜପୁର ଜିଲ୍ଲା କୋରେଇରେ ବୋଲି ଜଣାପଡିଛି । ଏନେଇ ହିମାଂଶୁ ଶେଖର ସାବତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଭୁବନେଶ୍ୱରର ସହୀଦନଗରର ପ୍ଲଟ୍ ନମ୍ବର-୨୮୬ରେ ରହୁଥିବା ବେଳେ, ତାଙ୍କର ହୋଟେଲ ବ୍ୟବସାୟ ଅଛି । ରବିବାର ସନ୍ଧ୍ୟା ପ୍ରାୟ ୭ଟା୪୫ ସମୟରେ, ସେ ତାଙ୍କ ଆକ୍ଟିଭା ସ୍କୁଟର ଯୋଗେ ଆଚାର୍ଯ୍ୟ ବିହାର ଛକରୁ ବରମୁଣ୍ଡା ଅଭିମୁଖେ ଯାଉଥିବା ବେଳେ, ଦୁଇଜଣ ଅଜଣା ଯୁବକ ଏକ କଳା ପଲସର ମୋଟରସାଇକେଲରେ ହଠାତ୍ ପଛ ପାଖରୁ ଆସିଥିଲେ ଏବଂ ଟ୍ରାଫିକ୍ ସିଗନାଲ ସବୁଜ ହେବା ମାତ୍ରେ ପଛରେ ବସିଥିବା ଆରୋହୀ ଜଣକ ତାଙ୍କ ପକେଟରୁ ତାଙ୍କ ମୋବାଇଲ୍ ଫୋନକୁ ଜୋରଜବରଦସ୍ତ ଛଡ଼ାଇ ନେଇଥିଲେ । ଅଭିଯୁକ୍ତମାନେ ଦ୍ରୁତଗତିରେ ପଳାଇ ଯାଇଥିଲେ ମଧ୍ୟ ଅଭିଯୋଗକାରୀ ସେମାନଙ୍କୁ ଜୟଦେବ ବିହାର-ଏନଏଚ୍ କଟ ପଏଣ୍ଟ ପର୍ଯ୍ୟନ୍ତ ପିଛା କରିଥିଲେ, ଯେଉଁଠାରେ ହମ୍ପସ୍ ଉପରେ ଦ୍ରୁତ ଗତିରେ ବୃଦ୍ଧିବା ଯୋଗୁଁ ସେମାନେ ନିୟନ୍ତ୍ରଣ ହରାଇ ଏକ କାର ସହିତ ଧକ୍କା ହୋଇ ମୋଟରସାଇକେଲ ସହିତ ରାସ୍ତାରେ ଛିଟିକି ପଡ଼ିଯାଇଥିଲେ । ଏହା ପରେ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ବେଳେ, ଅନ୍ୟ ଜଣଙ୍କୁ ସ୍ଥାନୀୟ କିଛି ଜନସାଧାରଣ କାବୁ କରିନେଇ ପୁଲିସ ଜିମା ଦେଇଥିଲେ । ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ଦୀପକ ଦାସଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରୁ ଏକ ମୋଟରସାଇକେଲ ଏବଂ ଅଭିଯୋଗକାରୀଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଫୋନକୁ ଜବତ କରିଥିଲେ ।

ଖରେଶ୍ୱର ମନ୍ଦିରରେ ରନ୍‌ମୁଦ ସମ୍ପନ୍ନ

ବହସାହି,(ନିପ୍ର): ଜାଗର ଅବସରରେ ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତ ଦେଉଳିଆଠାରେ ନବ ନିର୍ମିତ ଖରେଶ୍ୱର ମହାଦେବ ମନ୍ଦିରର ରନ୍‌ମୁଦ କାର୍ଯ୍ୟକ୍ରମ ରବିବାର ସମ୍ପନ୍ନ ହୋଇଛି । ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ଗାଁ ପରିକ୍ରମା କରାଯିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି । ଏହି ସମୟରେ ଶଙ୍ଖ, ହୁଳୁହୁଳି, ହରିବୋଲ ଏବଂ ହରହର ମହାଦେବ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇଛି । ଏହାପରେ ପ୍ରାରମ୍ଭରେ ବରୁଣ ଓ ସାହାଡା ଗଛକୁ ପୂଜା କରାଯାଇ ଯଜ୍ଞ ଓ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି । କର୍ତ୍ତାକର୍ତ୍ତୀ ଭାବେ ମନୋରଞ୍ଜନ ଗଜେନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ମମତା ଗଜେନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଅବସରରେ ଗ୍ରାମ ତଥା ଅଞ୍ଚପାଖ ଅଞ୍ଚଳରୁ ଆସିଥିବା ଭକ୍ତମାନେ ଦାନ କରିଥିବା ଧାନ, ଚାଉଳ, ଟଙ୍କା, ସୁନା ଓ ରୂପା ଆଦିକୁ ରନ୍‌ମୁଦ୍ରରେ ଭରଣ କରାଯାଇଛି । ଯଜ୍ଞର ପୂର୍ଣାହୁତି ପରେ କମିଟି ପକ୍ଷରୁ କରାଯାଇଥିବା ପ୍ରସାଦ ସେବନ ବ୍ୟବସ୍ଥାରେ ଉପସ୍ଥିତ ଗ୍ରାମବାସୀ ଓ ଭକ୍ତମାନେ ସାମିଲ ହେଇ ପ୍ରସାଦ ସେବନ କରିଛନ୍ତି।

ପୋଡ଼ାଡିହର ୧୫ ବିଜେଡ଼ି ପରିବାର ବିଜେପିରେ ମିଶିଲେ

କୃଷ୍ଣପ୍ରସାଦ ,(ନିପ୍ର): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତ ପୋଡ଼ାଡ଼ିହ ଗ୍ରାମର ୧୫ ପରିବାର ବିଜେଡ଼ି ସମର୍ଥିତ ବିଜେପିରେ ଯୋଗ ଦେଇଛନ୍ତି । ଗମ୍ଭାରୀ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ବରିଷ୍ଠ ନେତା ନବ କିଶୋର ଜେନା, ମହଲା ସଭ୍ୟ ଯୁବନେତା କାମେଶ୍ୱର ଜେନା, ଅଇଁଠା ପରିଡ଼ା, ନଗେନ୍ଦ୍ର ଜେନାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା । ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନିତୀ ଓ ଆଦର୍ଶ ସାଙ୍କୁ ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପୋଡ଼ାଡ଼ିହ ଗ୍ରାମର ଉଲ୍ଲାସ ମହାନ୍ତି, ପିତାମ୍ବର ମହାନ୍ତି, ପ୍ରତିମା ମହାନ୍ତି, ଶେଷଦେବ ମହାନ୍ତି, କଣ୍ଠ ମହାନ୍ତି, ଚେଲା ମହାନ୍ତି, ଅଭିମନ୍ୟୁ ମହାନ୍ତି, କାଳିଆ ମହାନ୍ତି, ଶମ୍ଭୁ ମହାନ୍ତି, ଟୁକୁନା ମହାନ୍ତି, ଶିବୁ ମହାନ୍ତି, ଉକୁଲୁ ମହାନ୍ତି, ଶୁକ ମହାନ୍ତିଙ୍କ ସହିତ ଗ୍ରାମର ୧୫ ପରିବାର ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଥିବା ଜଣାପଡ଼ିଛି । ବ୍ରହ୍ମଗିରି ବିଧାୟିକା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ବିଜେଡ଼ି ଦଳର ଦୃଢ଼ ସମର୍ଥକ ଭାବେ ଜଣାଶୁଣା ସକ୍ରିୟ କର୍ମୀ ମାନେ ଯୋଗଦେବା ପରେ ବିଜେପି ସଂଗଠନ ଦିନକୁ ଦିନ ମଜବୁତ ହେବାରେ ଲାଗିଥିବା ଜଣାପଡିଛି ।

ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର(ନିପ୍ର): ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଡ୍ରାଫ)ପରିସରରେ ସୋମବାର ୨୧ତମ ବ୍ୟାଚ୍ ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଅଗ୍ନିଶମ, ଗୃହରକ୍ଷା ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ସେବା ଆଇଜି ଉମାଶଙ୍କର ଦାଶଙ୍କ ଉପସ୍ଥିତିରେ, ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ଼ର ସମୀକ୍ଷା କରିଥିଲେ । ଏହି ଅବସରରେ ୧୮୪ ଜଣ ଅଗ୍ନିଯୋଦ୍ଧା ସେମାନଙ୍କର କଠିନ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରି ମୁଖ୍ୟ ଅଗ୍ନିଯୋଦ୍ଧା ଭାବେ ଓଡ଼ିଶା ଅଗ୍ନିଶମ ସେବାରେ ସାମିଲ ହୋଇଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ବର୍ଗରେ ପୁରସ୍କୃତ କରିଥିଲେ । ମୁଖ୍ୟ ଅଗ୍ନିଯୋଦ୍ଧାର ଶେଷ ପରୀକ୍ଷାରେ ହରେକୃଷ୍ଣ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଜୟ କୁମାର ମହାନ୍ତି ଓ ରଘୁନାଥ ନାୟକ ଦ୍ୱିତୀୟ ଏବଂ ଅଶୋକ କିସାନ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଶାରୀରିକ ଦକ୍ଷତା କ୍ଷେତ୍ରରେ ମଧ୍ୟ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। 'ପୁଲ୍-ଅପ୍ସ'ରେ ଡି.କେ. ପଧାନ, 'ସ୍କାଟ୍ସ'ରେ ଦାଶରଥି ମୁଣ୍ଡା, 'ସିଟ୍-ଅପ୍ସ'ରେ ଦୁର୍ଯ୍ୟୋଧନ ବେହେରା ଏବଂ 'ପୁଶ୍-ଅପ୍ସ'ରେ ଜି. ଚେନ୍‌ନେୟା ରେଡ୍ଡୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ସମସ୍ତ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏକ ଉଚ୍ଚ ପ୍ରଶିକ୍ଷିତ, ଶାରୀରିକ ଭାବେ ସକ୍ଷମ ଏବଂ ଦକ୍ଷ ଅଗ୍ନିଶମ ବାହିନୀ ଗଠନ ଦିଗରେ ଏହି ସମାରୋହ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ନୂତନ ଆମ୍ବୁଲାନ୍ସ

ଭାପୁର,(ନିପ୍ର): ଗତ ମାସ ୨୯ ତାରିଖ ଦୈନିକ 'ଦିନଲିପି'ରେ ପ୍ରକାଶ ପାଇଥିବା ଖବର 'ଆମ୍ବୁଲାନ୍ସ ପାଇଁ ଅନ୍ୟ ଉପରେ ଭରସା'ଶୀର୍ଷକ ଖବରରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂତନ ଆମ୍ବୁଲାନ୍ସ ଯୋଗେଇ ଦେଇଛନ୍ତି। ପୁରୁଣା ଆମ୍ବୁଲାନ୍ସଟି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖତ ଖାଉଥିବାବେଳେ ଯେ କୌଣସି ଗୁରୁତର ରୋଗୀ ଆସିଲେ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା କିମ୍ବା ଭୁବନେଶ୍ୱର ନେବାପାଇଁ ନିକଟସ୍ଥ କଳାପଥର କି ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ର ରୁ ଆମ୍ବୁଲାନ୍ସ ମଗା ହେଉଥିଲା ନଚେତ ସେଠାରେ ଆମ୍ବୁଲାନ୍ସ ନଥିଲେ ରୋଗୀ ନିଜ ହାତରୁ ଖର୍ଚ୍ଚ କରି ଭଡ଼ାରେ ଯାଉଥିଲେ। ଏ ଦିଗରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ

ତିଥି : (ଅମାବାସ୍ୟା) : (ଧନିଷ୍ଠା ମକର)
ଅମୃତବେଳା: ଦିବା ଘ.୮।୪୨ ଗତେ ୧୧।୬ ମଧ୍ୟେ

ଆଜିର ଅନୁଚିନ୍ତନ

ଅର୍ଜୁନ କହିଲେ- ହେ ଦେବ ! ମୁଁ ଆପଣଙ୍କ ଶରୀରରେ ସମସ୍ତ ଦେବଗଣଙ୍କୁ, ପ୍ରଧାନ ପ୍ରଧାନ ପ୍ରାଣୀବର୍ଗଙ୍କୁ, କମଳାସନସ୍ଥ ବ୍ରହ୍ମାଙ୍କୁ, ମହାଦେବଙ୍କୁ, ସମସ୍ତ ଋଷିଗଣଙ୍କୁ ଓ ସମସ୍ତ ଦିବ୍ୟ ସର୍ପମାନଙ୍କୁ ଦେଖୁଅଛି ।। - ଶ୍ରୀମଦ୍ ଭଗବଦ୍ ଗୀତା

ଯଥାର୍ଥ ବିକାଶ ହେଉ ଲକ୍ଷ୍ୟ

ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ଆମ ଓଡ଼ିଶା ୨୦୩୬ ମସିହାରେ ପହଞ୍ଚିବ ୧୦୦ବର୍ଷରେ । ଆଉ ରହିଲା ପ୍ରାୟ ଦଶବର୍ଷ । ସରକାର ପରେ ସରକାର ଗଢ଼ି ଚାଲିଛି । ନିର୍ବାଚିତ ସରକାର ଖାଲି ଚଳାଉନ୍ତୁ, ଆମେ ଲୋକଙ୍କ ସରକାର ଚଳାଉଛୁ ବୋଲି ମୋର ଦୃଢ଼ ବିଶ୍ୱାସ ଏକଦା ରାଜ୍ୟ ମୁଖ୍ୟମନ୍ତ୍ରୀ ଏଭଳି ଉପସ୍ଥାପିତ କରିଛନ୍ତି । ଅମାପ ଖଣିସଂପଦ ହେଉ କି ସୁଦୀର୍ଘ ବେଳାଭୂମି ହେଉ ଅବା ଜଳସଂପଦ, ଜଙ୍ଗଲ ସଂପଦ ପ୍ରଭୃତି ରାଜ୍ୟରେ ବିଦ୍ୟମାନ । ଏକଦା କୃଷିପ୍ରଧାନ, ଖଣି ଉପରେ ନିର୍ଭରଶୀଳ ପରିଚିତି ଥିବା ଆମ ରାଜ୍ୟକୁ ଫୁଜିନିବେଶ ବର୍ତ୍ତମାନର ରାଜ୍ୟ ସରକାରଙ୍କ ପ୍ରୟାସ ତଥା ଆହ୍ୱାନ ପରିପ୍ରେକ୍ଷୀରେ ଏବେ ବିବିଧ-ଶିଳ୍ପ ତଥା ସେବା ପରିଚାଳିତ ଅର୍ଥ ବ୍ୟବସ୍ଥା ଭାବରେ ରାଜ୍ୟ ଉଭା ହୋଇଛି । ଏହା ଅନ୍ୟଥା ନୁହେଁ । ଯେତେବେଳେ ବିକାଶର ପ୍ରସଙ୍ଗ ଉଠେ, ସେତେବେଳେ ତାହା ରାଜ୍ୟ ବଜେଟ ସହିତ ସମ୍ବନ୍ଧିତ ହୋଇଥାଏ । ଆଗାମୀ ୨୦ ତାରିଖରେ ଉପସ୍ଥାପିତ ହେବ ରାଜ୍ୟ ବଜେଟ । ଏହା ଉପରେ ରାଜ୍ୟବାସୀଙ୍କ ବହୁ ଆଶା ଓ ଆକାଂକ୍ଷା ନିହିତ ଭାବରେ ରହିବ ।

ଉପସ୍ଥାପିତ ହେବାକୁ ଥିବା ବଜେଟର ଆକାର ୩ଲକ୍ଷ ୨୫ହଜାର କୋଟି ଟଙ୍କାରୁ ଅଧିକ ହୋଇପାରେ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି । ଯଦି ଏହି ଆକଳନ ବିଶ୍ୱାସକୁ ନିଆଯାଏ ଅନୁରୂପ ଭାବରେ ୨୦୨୬-୨୭ ଆର୍ଥିକ ବର୍ଷ ପ୍ରାରମ୍ଭରୁ ରାଜ୍ୟ ଉପରେ ଋଣ ଭାର ଦେଢଲକ୍ଷ କୋଟି ଟଙ୍କା ଅତିକ୍ରମ କରିପାରେ । ଏହା ବିଶେଷଜ୍ଞମାନଙ୍କ ଆକଳନ । ଋଣ ଭାର ରାଜ୍ୟ ଉପରେ ଯେତେ ବଢିଚାଲିବ ତାହା ଶୁଭ କି ଅଶୁଭ ଲକ୍ଷଣ ତାହା ଉଲ୍ଲେଖ କରିବାର ପ୍ରୟୋଜନ ନାହିଁ । କୁହାଯାଉଛି ଯେ ଋଣ ବୋଝ ମୋଟ ଘରୋଇ ଉତ୍ପାଦ (ଜିଡିପି) ଠାରୁ କମ୍ ରହିଛି । ଯେଉଁ ଋଣ ଭାର ବଢୁଛି ତାହା ପଛରେ ଯେଉଁ କେତେକ କାରଣ ନେଇ କୁହାଯାଉଛି, ତାହା ମଧ୍ୟରେ ରହିଛି ସାମାଜିକ ଯୋଜନାର ଚାପ, ଋଣ ପରିଶୋଧ, ଭିତ୍ତିଭୂମି, ପେନସନ୍, ବେତନ ଖର୍ଚ୍ଚ ଇତ୍ୟାଦି । ଏକଥା ସତ ଯେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଥ /ସମ୍ବଳର ଆବଶ୍ୟକତା ରହିଛି । ବଜେଟ୍ ଅନୁସାରେ ଅର୍ଥ ବ୍ୟୟ ହେବ । ମାତ୍ର ତାହାର ପ୍ରତିବଦଳରେ ଇପ୍‌ସିତ ଲକ୍ଷ୍ୟ ହାସଲ ପୂର୍ବାପେକ୍ଷା ଅଧିକ ହେବ କି ନାହିଁ, ତାହାର ଲକ୍ଷ୍ୟ ନିର୍ଦ୍ଧାରଣ ଦିଗରେ ଆନ୍ତରିକତା ହେଉଛି ଅସଲ କଥା । ଆନ୍ତରିକତା ନ ରହିଲେ ଇପସିତ ଲକ୍ଷ୍ୟ ଆଦୌ ହାସଲ କରିହେବନାହିଁ । ଶାସନକଳ ସେଥିଲାଗି ସକ୍ରିୟ ରହିବା ଜରୁରୀ ।

ଏହା ନିଃସନ୍ଦେହ ଯେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦକ୍ଷତାବିକାଶ ପ୍ରମୁଖ କ୍ଷେତ୍ର । ଏଥିରେ ଯେତେ ଅଧିକ ଖର୍ଚ୍ଚ ହେବ ତାହାଦ୍ୱାରା ଆର୍ଥିକ ବିକାଶର ସୁଫଳ ଅଧିକ ମିଳିପାରିବ । ପୁଂଜି ପରିମାଣ କେତେ ହେଲା, କେତେ ସଂଖ୍ୟକ ଶିଳ୍ପ ବସିଲା ଅବା ବସିବ ତାହା ଯେତେ ବଡ଼ କଥା ନୁହେଁ, ଅଗ୍ରାଧିକାର ଦିଆଯାଉ ସମାଜରେ ସବୁଠୁ ତଳେ ରହିଥିବା ବର୍ଗଙ୍କୁ । ଯେଉଁମାନେ କି ମୌଳିକ ସେବା ପାଇବାରେ ବିଭିନ୍ନ ସମୟରେ ହଇରାଣ ହରକତ ହୋଇଥାନ୍ତି, ଅନେକ ମଧ୍ୟ ପାଇନଥାନ୍ତି । ଯଦି ମୌଳିକ ସେବା ଅପହଞ୍ଚ ହୁଏ ତେବେ ବିକାଶ ପ୍ରକ୍ରିୟା ଠିକ୍ ଭାବରେ ଚାଲିଛି ବୋଲି ଦାବି କରାଯାଇପାରିବ ନାହିଁ । ଶିଳ୍ପ, ପ୍ରକଳ୍ପ ପରିବେଶ-ଅନୁକୂଳ ହେବା ଦରକାର ଏବଂ ଏନେଇ ଯେଉଁ ସତର୍କତା ଆବଶ୍ୟକ ତାହା ବେଳହୁଁ ନିଆଯିବା ଲୋଡ଼ା । ସମସ୍ତଙ୍କ ହାତକୁ କାମ ଓ ଆନୁଷଙ୍ଗିକ ମୌଳିକ ସେବା ହେଉଛି ଗୁରୁତ୍ୱପୂର୍ଣ୍ଣ । ଏହା ଯଦି ହୋଇପାରିବ ତେବେ ଆଲୋଚ୍ୟ ଋଣ ଭାରର ଯଥାର୍ଥତା ରହିବ, ନଚେତ୍ ବିଷମତା ସ୍ଥିତି ତାହା ଉତ୍ପନ୍ନ କରିପାରେ । ସୁତରାଂ ଏଥିପ୍ରତି ସଚେତ ରହିବାକୁ ହେବ ।

ସ୍ୱାସ୍ଥ୍ୟ ସେବା ପାଇଁ ଏକ ନୈତିକ ସଂକଟ

ସୌମ୍ୟ ରଞ୍ଜନ ଦାଶ

ଭାରତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଭବିଷ୍ୟତ କେବଳ ହସ୍ପିଟାଲର ଅଜାଳିକା ବା ଅତ୍ୟାଧୁନିକ ଯନ୍ତ୍ରପାତି ଉପରେ ନିର୍ଭର କରେନାହିଁ, ବରଂ ଏହା ନିର୍ଭର କରେ ସେହି ବ୍ୟବସ୍ଥାକୁ ପରିଚାଳନା କରୁଥିବା ଡାକ୍ତରମାନଙ୍କ ବୈଷୟିକ ଦକ୍ଷତା ଏବଂ ନୈତିକତା ଉପରେ । ଜଣେ ସାଧାରଣ ଛାତ୍ର ପାଇଁ ପରୀକ୍ଷା କେବଳ ବୃତ୍ତିଗତ ସଫଳତାର ସିଡ଼ି ହୋଇପାରେ, କିନ୍ତୁ ନିଟ୍-ପିଜି କେବଳ ଏକ ସାଧାରଣ ପ୍ରବେଶିକା ପରୀକ୍ଷା ନୁହେଁ । ଏହା ହେଉଛି ଏକ ଶୁଦ୍ଧିକରଣ ପ୍ରକ୍ରିୟା, ଯାହା ନିଶ୍ଚିତ କରେ ଯେ ଆଗାମୀ ଦିନରେ ଦେଶର ଜଟିଳ ଅସ୍ତ୍ରୋପଚାର କକ୍ଷ କିମ୍ବା ଜରୁରୀକାଳୀନ ବିଭାଗରେ ଯେଉଁ ସ୍ୱେସାଲିଷ୍ଟ ଡାକ୍ତରମାନେ ରହିବେ, ସେମାନଙ୍କ ପାଖରେ ମୌଳିକ ଚିକିତ୍ସା ବିଜ୍ଞାନର ଗଭୀର ଜ୍ଞାନ ରହିଛି ।

ସାମ୍ପ୍ରତିକ ସମୟରେ ନିଟ୍-ପିଜିକୁ ନେଇ ଯେଉଁ ବିତର୍କ ମୁଣ୍ଡ ଟେକିଛି, ତାହାର ମୂଳରେ ରହିଛି 'କ୍ୟାଲିଫାଇଙ୍ଗ୍ ପର୍ସେଣ୍ଟାଇଲ୍' ବା ଯୋଗ୍ୟତା ମାନଦଣ୍ଡକୁ ଅହେତୁକ ଭାବେ ହ୍ରାସ କରିବା । ଭାରତୀୟ ସଂବିଧାନରେ ସାମାଜିକ ନ୍ୟାୟର ପ୍ରତିଫଳନ ସ୍ୱରୂପ ଏସ୍‌ସି, ଏସ୍‌ଟି, ଏସ୍‌ଏବି ଏବଂ ଇଡବ୍ଲୁଏସ୍ ବର୍ଗ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି ଏବଂ ଏହାର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ସଂରକ୍ଷଣର ଉଦ୍ଦେଶ୍ୟ ହେଉଛି ସୁଯୋଗର ସମାନତା ପ୍ରଦାନ କରିବା, କଦାପି ସର୍ବନିମ୍ନ ଯୋଗ୍ୟତାର ସମ୍ପୂର୍ଣ୍ଣ ବିଲୋପ ନୁହେଁ । ସର୍ବୋଚ୍ଚ ନ୍ୟାୟାଳୟ ବିଭିନ୍ନ ସମୟରେ ସ୍ପଷ୍ଟ କରିଛନ୍ତି ଯେ ବିଶେଷ କରି ମେଡିକାଲ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ସର୍ବନିମ୍ନ ମେଧା ସୀମା ରହିବା ଅପରିହାର୍ଯ୍ୟ । ଯଦି ଜଣେ ପ୍ରାର୍ଥୀ ଶୂନ୍ୟ କିମ୍ବା ତା'ଠାରୁ କମ୍ ମାର୍କ ରଖି ମଧ୍ୟ ଜଣେ ବିଶେଷଜ୍ଞ ଡାକ୍ତର ହେବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ସେଠାରେ ସଂରକ୍ଷଣର ପବିତ୍ରତା ନଷ୍ଟ ହୁଏ ଏବଂ ମେଧା ବା ମେରିଟ ସାର୍ବଜନିକ ଅପମାନ ହୁଏ । ୪୦ ମାର୍କ ପାଇଥିବା ଜଣେ ବ୍ୟକ୍ତି ଯେତେବେଳେ ଜଣେ ରୋଗୀର ଜୀବନ-ମରଣର ନିଷ୍ପତ୍ତି ନେବେ, ସେତେବେଳେ ସେହି ରୋଗୀର 'ଜୀବନ ଧାରଣର ଅଧିକାର' ସମ୍ପୂର୍ଣ୍ଣ ରୂପେ ବିପନ୍ନ ହୋଇପଡ଼ିବ । ସରକାରଙ୍କ ପକ୍ଷରୁ ପ୍ରାୟତଃ ଯୁକ୍ତି ଦିଆଯାଏ ଯେ ଦେଶରେ ବିଶେଷଜ୍ଞ ଡାକ୍ତରଙ୍କର ଘୋର ଅଭାବ ରହିଛି ଏବଂ କାଉନସେଲିଂ ପରେ ମଧ୍ୟ ବହୁ ସଂଖ୍ୟକ ପିଜି ସିଟ୍ ଖାଲି ପଡୁଛି । କିନ୍ତୁ ଏହି ଯୁକ୍ତିର ଅନ୍ତରାଳରେ ଥିବା କଟୁ ସତ୍ୟକୁ ଦେଖିଲେ ଜଣାପଡ଼େ ଯେ, ଯଦିଓ ଖାଲି ପଡୁଥିବା କିଛି ସିଟ୍ ସରକାରୀ ମେଡିକାଲ କଲେଜର କିନ୍ତୁ ଅଧିକାଂଶ ଖାଲି ସିଟ୍‌ଗୁଡ଼ିକ ଘରୋଇ ଏବଂ ଡିମ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକର, ଯେଉଁଠାରେ ଶିକ୍ଷାଦାନର ମାନ ଅପେକ୍ଷା ଫିସ୍ ପରିମାଣ ଆକାଶଛୁଆଁ, କୋଟିକୋଟି ଟଙ୍କାର କ୍ୟାପିଟେସନ ଫିସ୍ ଏବଂ ମାସିକ ଲକ୍ଷାଧିକ ଟଙ୍କାର ଖର୍ଚ୍ଚ ଯୋଗୁଁ ଅନେକ ମେଧାବୀ ଛାତ୍ରଛାତ୍ରୀ ଏହି ସିଟ୍ ଗୁଡ଼ିକୁ ଚୟନ କରନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ 'ଯୋଗ୍ୟତା ମାନଦଣ୍ଡ'କୁ ଶୂନ୍ୟ କରିବା କ'ଣ କେବଳ ଡାକ୍ତର ଅଭାବ ଦୂର କରିବାର ପ୍ରୟାସ, ନା ଏହା ଘରୋଇ ମେଡିକାଲ ମାଫିଆଙ୍କ ଆର୍ଥିକ ସ୍ୱାର୍ଥ ରକ୍ଷା କରିବାର ଏକ ସୂକ୍ଷ୍ମ କୌଶଳ ? ଯଦି ମେଡିକାଲ ଶିକ୍ଷା କେବଳ ଏକ ଲାଭଜନକ ବ୍ୟବସାୟିକ ମଡେଲରେ ପରିଣତ ହୁଏ, ତେବେ ଆମେ ଡାକ୍ତର ତିଆରି କରିବା ପରିବର୍ତ୍ତେ କେବଳ 'ଡିଗ୍ରୀଧାରୀ' ତିଆରି କରିବା, ଯାହାଙ୍କ ପାଖରେ ସାର୍ଟିଫିକେଟ୍ ଥିବ କିନ୍ତୁ ସଙ୍କଟ ସମୟରେ ଜୀବନ ବଞ୍ଚାଇବାର ଦକ୍ଷତା ନଥିବ ।

ସାମ୍ପ୍ରତିକ ପରିସଂଖ୍ୟାନକୁ ଅନୁଶୀଳନ କଲେ ଏକ ବିଚିତ୍ର ସତ୍ୟ ପରିଲକ୍ଷିତ ହୁଏ; ପ୍ରତିବର୍ଷ ହଜାର ହଜାର ସିଟ୍ ଖାଲି ପଡ଼ିବା ପଛରେ କେବଳ ଯୋଗ୍ୟତାର ଅଭାବ ନାହିଁ, ବରଂ ରହିଛି ଏକ ସୁଚିନ୍ତିତ ଅର୍ଥନୈତିକ ପ୍ରହେଳିକା । ଯେତେବେଳେ ଜଣେ ପ୍ରାର୍ଥୀ ସରକାରୀ ମେଡିକାଲ କଲେଜରେ ସ୍ୱଳ୍ପ ଖର୍ଚ୍ଚରେ ପଢ଼ିବା ପାଇଁ ମେରିଟ୍ ଲିଷ୍ଟରେ ସ୍ଥାନ ପାଏନାହିଁ, ସେତେବେଳେ ତା' ପାଇଁ ଘରୋଇ କଲେଜର ମାସିକ ଫିସ୍ ବୋଝ ସଦୃଶ ହୁଏ । ସରକାରୀ ସ୍ତରରେ 'ଜିରୋ ପର୍ସେଣ୍ଟାଇଲ୍' ବା ମାନଦଣ୍ଡ ହ୍ରାସ କରିବାର ନିଷ୍ପତ୍ତି ପରୋକ୍ଷରେ ସେହି ସମ୍ଭ୍ରାନ୍ତ ଶ୍ରେଣୀର ପିଲାମାନଙ୍କ ପାଇଁ ବାଟ ଫିଟାଇଥାଏ, ଯେଉଁମାନଙ୍କ ପାଖରେ ମେଧା ନ ଥାଇ ମଧ୍ୟ ଅଜସ୍ର ଅର୍ଥ ରହିଛି । ଫଳରେ ମେଧାବୀ କିନ୍ତୁ ଆର୍ଥିକ ଅନଗ୍ରସର ଛାତ୍ରଟିଏ ବ୍ୟବସ୍ଥାରୁ ଦୂରେଇ ଯାଉଥିବାବେଳେ, କେବଳ ଅର୍ଥ ବଳରେ ଡାକ୍ତରୀ ଡିଗ୍ରୀ ହାସଲ କରୁଥିବା ଏକ ନୂତନ ଗୋଷ୍ଠୀ ସୃଷ୍ଟି ହେଉଛନ୍ତି । ଏହି ପ୍ରକ୍ରିୟା ଦ୍ୱାରା 'ନେସନାଲ ମେଡିକାଲ କମିଶନ' ନିଜର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯଦି ପ୍ରବେଶିକା ପରୀକ୍ଷାର ମୂଲ୍ୟାୟନ ହିଁ ଶୂନ୍ୟ ହୋଇଯାଏ, ତେବେ ପରୀକ୍ଷା ପରିଚାଳନା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରିବାର ଯଥାର୍ଥତା କେଉଁଠି ? (ପ୍ରଥମ ଭାଗ)

ଯାଜପୁର,ମୋ ୮୮ ୯୫ ୯୫ ୨୩ ୧୫

ୟୁରୋପ ବଜାରରେ ଭାରତର ପ୍ରବେଶ

ସୌମେନ୍ଦ୍ର ଜେନା

ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ୍ୟ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ୍ୟ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ୍ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ ।

ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଶେଷ ହୋଇସାରିଛି । ଏଥିପାଇଁ ୟୁରୋପୀୟ ସଂଘର ବହୁନେତା ଭାରତ ଆସିଥିଲେ । ୟୁରୋପୀୟ ସଂଘ କମିଶନର ଅଧ୍ୟକ୍ଷ ଉର୍ସୁଲା ତାଙ୍କ ବକ୍ତବ୍ୟରେ ଯେମିତି ଡାଭୋସରେ ଘୋଷଣା କରିଥିଲେ ସେମିତି ନୂଆଦିଲ୍ଲୀରେ ମଧ୍ୟ ବେଶ୍ ଆତ୍ମବିଶ୍ୱାସୀ ଜଣାପଡୁଥିଲେ । ପୃଥିବୀର ୨୦୦କୋଟି ଜନତାଙ୍କର ବିଶ୍ୱ ବାଣିଜ୍ୟର ଏକ-ଚତୁର୍ଥାଂଶ ଜିଡିପି ରହିଥିବା ଏହି ଦୁଇ ଗଣତାନ୍ତ୍ରିକ ଶକ୍ତି ମଧ୍ୟରୁ ଗୋଟିଏ ବିଶ୍ୱର ଦ୍ୱିତୀୟ ଅର୍ଥନୀତି ହୋଇଥିବା ବେଳେ ଅନ୍ୟଟି ଚତୁର୍ଥ ଅର୍ଥନୀତି ବୋଲି ସେ କହିଥିଲେ । ବିଶ୍ୱର ସର୍ବବୃହତ୍ ବାଣିଜ୍ୟ ବୁଝାମଣା ଭାରତ ସହ କରିବା ପରେ ସେ ବିଶ୍ୱରେ ଯୋଗାଣଧାରାକୁ କାଏମ ରଖି ରୋଜଗାର ସୃଷ୍ଟି ଏକମୁଖୀ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କହିଥିଲେ । ନୀତି ଆଧାରିତ ବାଣିଜ୍ୟ ଏବଂ ମୁକ୍ତ ଆର୍ଥିକ କାରବାର ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ । ୨୦୩୨ ସୁଦ୍ଧା ଏହି ବୁଝାମଣା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ଏହାଦ୍ୱାରା ୟୁରୋପୀୟ ବସ୍ତୁ ଉପରେ ୪ ବିଲିଅନ ୟୁରୋ ବାର୍ଷିକ ବଞ୍ଚିବ । ବୁଝାମଣାରେ ଭାରତ ପ୍ରଥମଥର ପାଇଁ ଏକ ସହଯୋଗୀ ରାଷ୍ଟ୍ରସମୂହକୁ ଅଧିକ ସୁବିଧା ଦେବାକୁ ରାଜି ହୋଇଛି । ୟୁରୋପର ଦାମୀ କାର ଉପରୁ ବର୍ତ୍ତମାନ ରହିଥିବା ୧୧୦ ପ୍ରତିଶତ ଟିକସ ପରେ ୧୦ ପ୍ରତିଶତକୁ ହ୍ରାସ ପାଇବ । ମେସିନ ଉପରେ ଥିବା ୪୪ପ୍ରତିଶତ, ରାସାୟନିକ ପଦାର୍ଥରେ ୨୨ ପ୍ରତିଶତ ଏବଂ ଔଷଧ ଉପରେ ଥିବା ୧୧ ପ୍ରତିଶତ ଟିକସ ଶୂନ୍ୟସ୍ତରକୁ ଖସିଯିବ । ସେହିପରି ୟୁରୋପର ମଦ ଉପରେ ଥିବା ୧୫୦ପ୍ରତିଶତ ଟିକସ ୭୫ ପ୍ରତିଶତକୁ ଖସିବ । ପରେ ତାହା ୨୦ ପ୍ରତିଶତକୁ ହ୍ରାସ ପାଇବ । ଅଲିଭ ତେଲ ଉପରେ ଥିବା ୪୫ ପ୍ରତିଶତ ଟିକସ ଶୂନ୍ୟ ସ୍ତରକୁ ଖସିବ । ବିଦେଶୀ ପାଉଁରୁଟି ଏବଂ ଚକୋଲେଟ୍ ଉପରୁ ୫୦ ପ୍ରତିଶତ ଟିକସ ହ୍ରାସ ପାଇବ । ଏଆରଟେଲର ମାଲିକ ସୁନିଲ ଭାରତୀ ମିତ୍ତଲଙ୍କ ଭାଷାରେ "ଏହି ବୁଝାମଣା ବିଶ୍ୱାସ, ସ୍ଥିରତା ଏବଂ ବହୁ ଦିନପାଇଁ ସହଯୋଗୀ ହେବାଲାଗି ବିଶ୍ୱକୁ ସନ୍ଦେଶ ଦେଇଛି । ଏହା ଫଳରେ ଡିଜିଟାଲ ଭିତ୍ତିଭୂମି, ମହାକାଶରେ ସଂଯୋଗୀକରଣ, ନେଟୱାର୍କର ସୁରକ୍ଷା, ଭାରତରେ ନବସର୍ଜନ ପାଇଁ ୟୁରୋପର ସହଯୋଗ ସହ ବିଶ୍ୱବଜାରକୁ ଖୋଲିବ । ୟୁରୋପରେ ଟେଲିକମ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଏଆରଟେଲ ପାଇଁ ରାସ୍ତା ଫିଟିଛି ।" ଏହା ଯୋଗୁଁ ଭୋକ୍ସ୍‌ୱାଗନ, ମର୍ସିଡିସ ବେଞ୍ଜ ଏବଂ ରିନଲ୍ଟ ପରି କମ୍ପାନୀର ପ୍ରାୟ ବାର୍ଷିକ ୨,୫୦,୦୦୦ କାର ଉପରୁ ଟିକସ ହ୍ରାସ ପାଇବ । ରୁଷିଆକୁ ୨୦୨୨ରୁ ଯାଉନଥିବା କିମ୍ବା ଟିକସଯୁକ୍ତ ହୋଇ ଆମେରିକା ଯାଉଥିବା ୟୁରୋପର କାରଗୁଡିକ ଭାରତର ବଡ ବଜାରରେ ସୁବିଧାରେ ବିକ୍ରିର ସୁଯୋଗ ଲାଭ କରିବେ । ସେମିତି ଭାରତର ଚମଡା, ସାମୁଦ୍ରିକ ଦ୍ରବ୍ୟ, ପୋଷାକପତ୍ର, ରାସାୟନିକ ପଦାର୍ଥ, ରବର, ଖଣିଜଦ୍ରବ୍ୟ, ମୂଲ୍ୟବାନ ପଥର, ଅଳଙ୍କାର ଆଦି ୟୁରୋପର ବଜାରରେ ବିକ୍ରିର ସୁବିଧା ପାଇବେ । ଭାରତରେ କ୍ଷୀର, ଘିଅ, ଲହୁଣି ପରି ଦୁଗ୍ଧଜାତ ପଦାର୍ଥ କ୍ଷେତ୍ରରେ ୟୁରୋପର କମ୍ପାନୀ ବିକ୍ରି ସୁବିଧା ପାଇବେ ନାହିଁ । ସେମିତି ୟୁରୋପରେ ଭାରତର ଚିନି, ମାଂସ, କୁକୁଡା ପରି ପଦାର୍ଥ ବିକ୍ରି ସୁବିଧା ପାଇବେ ନାହିଁ । ଦକ୍ଷତାଯୁକ୍ତ ଯୁବକ ଏବଂ ଶ୍ରମିକ ଉଭୟ ଦେଶରେ ନିଯୁକ୍ତି ସୁଯୋଗ ଲାଭ କରିବେ ।

ମାର୍ଚ୍ଚ ୨୦୨୫ ସୁଦ୍ଧା ୟୁରୋପୀୟ ସଂଘର ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସହ ୧୯୬ ବିଲିଅନ ଡଲାର ଥିଲା । ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୨ ବିଲିଅନ ଡଲାର ରହିଥିଲା । ଚୀନ-ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୪ ବିଲିଅନ ଡଲାର ରହିଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା ପରେ କଟକଣା ଯୋଗୁ ଭାରତରୁ ଆମେରିକାକୁ ଯାଉନଥିବା ବସ୍ତୁ ୟୁରୋପରେ ବିକ୍ରିର ସୁବିଧା ପାଇବ ।

ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ୍ୟ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ୍ୟ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ୍ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ । କାରଣ ଆମେରିକା ଆଉ ଭରସାଯୋଗ୍ୟ ଦେଶ ହୋଇ ରହିନାହିଁ ବୋଲି ଜେପି ମୋର୍ଗାନ ସଂସ୍ଥାର ସିଇଓ ଜେମି ଡିମୋନ ପ୍ରକାଶ କରିଛନ୍ତି । ୟୁରୋପର ୧୪୪ଟି ସବ୍‌ସେକ୍ଟର କ୍ଷେତ୍ରରେ ଭାରତ ପ୍ରବେଶ କରିବ । ସେମିତି ଭାରତରେ ୧୦୨ଟି ସବ୍‌ସେକ୍ଟର କ୍ଷେତ୍ରରେ ୟୁରୋପ ସେବା ଦେବ । ପାରମ୍ପରିକ ଔଷଧ ପ୍ରଚଳିତ ନଥିବା ଅଞ୍ଚଳରେ ଭାରତର ଔଷଧ ପ୍ରବେଶ ସୁବିଧା ଲାଭ କରିବ ।

ମୁକ୍ତ ବାଣିଜ୍ୟ ବୁଝାମଣାରେ କୃତ୍ରିମ ବୁଦ୍ଧିମତ୍ତା, ସ୍ୱଚ୍ଛ ଟେକ୍‌ନୋଲୋଜୀ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ୟୁରୋପୀୟ ସଂଘରୁ ସହଯୋଗ ମିଳିବ । ୟୁରୋପର ୨ ଟ୍ରିଲିଅନ ବଜାରରେ ଭାରତ ପ୍ରବେଶ କରିବ । ୨୦୩୦ସୁଦ୍ଧା ଭାରତ ୟୁରୋପକୁ ୩୦୦ ବିଲିଅନ ଡଲାର ମୂଲ୍ୟର ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି । ଦେଶର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଏବଂ ତାମିଲନାଡୁର କ୍ଷୁଦ୍ର ଏବଂ କୁଟୀରଶିଳ୍ପ ଏଥିରୁ ଲାଭବାନ ହେବେ । ବିଶେଷକରି ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଭାରତ ଓ ୟୁରୋପୀୟ ସଂଘ ଉଭୟେ ଲାଭବାନ ହେବେ । ଯୁଦ୍ଧପୋତ ନିର୍ମାଣ, ବାଣିଜ୍ୟପୋତ ନିର୍ମାଣ, ବୁଡାଜାହାଜ ନିର୍ମାଣ, ବିମାନ ନିର୍ମାଣ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ଦକ୍ଷ କମ୍ପାନୀଗୁଡିକ ସହ ମିଶି କାର୍ଯ୍ୟକରିପାରିବ । ସ୍ୱିଡେନର ଫାବ୍ କମ୍ପାନୀ ଦ୍ୱାରା ନିର୍ମିତ ଶ୍ରୀପେନ ଯୁଦ୍ଧବିମାନ ଭାରତରେ ନିର୍ମାଣ ପାଇଁ ଏବେ ଇଚ୍ଛାପ୍ରକାଶ କରିଛି । ଦୁଇ

‘ସୃଜନଶୀଳତାର ଅଭିବୃଦ୍ଧି ଓ ବିସ୍ତାର ନିମନ୍ତେ ସ୍ୱାଧୀନ ଚିନ୍ତନ ଆବଶ୍ୟକ’

ବାଲିଚନ୍ଦ୍ରପୁର,(ନିପ୍ର): ବଡଚଣା ବ୍ଲକ ଅନ୍ତର୍ଗତ ରଇପୁର ସାଧନ କେନ୍ଦ୍ର ତରଫରୁ ପଣସୁଆପାଳଠାରେ ସାହିତ୍ୟ ସୃଜନୀ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଇନ୍ଦୁପୁର ସ୍ଥିତ ବିରୂପା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ବିଭାଗର ମୁଖ୍ୟ ଡ. ଅଟଳ ବିହାରୀ ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସାଧନ କେନ୍ଦ୍ରର ସଂଯୋଜକ ବିଶିଷ୍ଟ କବି ହିମାଂଶୁ ଭୂଷଣ ଜେନା ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷକ ସରୋଜ କୁମାର ଭୂୟାଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଡଃ ଅଟଳ ବିହାରୀ ପଣ୍ଡା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତାର ଅଭିବୃଦ୍ଧି ଓ ବିସ୍ତାର ନିମନ୍ତେ ମୁକ୍ତ ଓ ସ୍ୱାଧୀନ ଚିନ୍ତନର ଆବଶ୍ୟକତାକୁ ବହୁ ଉପାଦେୟ ଗଳ୍ପ

ଓ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସାଧୁଚରଣ ମହାନ୍ତି,ସ୍ୱତନ୍ତ୍ର ଅତିଥି ଭାବେ ଗୟାଧର ଘଡାଇ,ଅନ୍ୟତମ ଅତିଥି ଭାବେ ପିତାମ୍ବର ମଲ୍ଲିକ ଓ ବିଶିଷ୍ଟ ଅତିଥି ଭାବେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଦଳାଇ ଓ ବୌଦ୍ଧ ବିହାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଝୁମ ମହାନ୍ତି ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ସୃଜନୀର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବୋଧ କୁମାର ମହାନ୍ତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ସୃଜନୀର ଭୂମିକା ବୁଝାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପାଠ୍ୟ ଉପକରଣ ଅତିଥିମାନେ ପ୍ରଦାନ କରିଥିଲେ । ଅତିଥି ପରିଚୟ ପଣ୍ଡିତ ରଞ୍ଜନ କୁମାର ନନ୍ଦ ଓ ଧନ୍ୟବାଦ ଅର୍ପଣ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ଦାସ,ଶରତ ଚନ୍ଦ୍ର ଦାସ,ଅବସରପ୍ରାପ୍ତ ଶିକ୍ଷକ ମାୟାଧର ସାହୁ,ସେକ୍ ନଜ୍ ରୁଲ୍ଲା ମହମ୍ମଦ,ଅଫିସ୍ କର୍ମଚାରୀ ନବଘନ ଦାସ,ପର୍ଶୁରାମ ମହାନ୍ତି,ଅଲେଖ ଚନ୍ଦ୍ର ମଲ୍ଲିକ ସମେତ ସମସ୍ତ କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ ।

ଅବସରପ୍ରାପ୍ତ ପଦାଧିକାରୀଙ୍କ ବିରୋଧରେ ଅଭିଯୋଗ,ତଦନ୍ତ ଦାବି

ପିପିଲି,(ନିପ୍ର): ପୁରୀଜିଲ୍ଲା ପିପିଲି ତହସିଲ କାର୍ଯ୍ୟାଳୟରେ ନିଯୁକ୍ତ ଥିବା ଜନୈକ ଅବସରପ୍ରାପ୍ତ ପଦାଧିକାରୀଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆଣିଛନ୍ତି ପିପିଲି ଅଞ୍ଚଳବାସୀ। ଅଞ୍ଚଳବାସୀ ଲିଖିତ ଯୋଗେ ଜଣାଇଛନ୍ତି ପଦାଧିକାରୀ ଜଣଙ୍କ ଜଣେ ସର୍କଲ ରେଭେନ୍ୟୁ ଇନିସ୍ପେକ୍ଟରଙ୍କୁ ନିଜର ହାତ ବାରିସୀ କରି କିଛି ବିଲଡର ଓ ଜମି ମାଫିଆଙ୍କୁ ପ୍ରୋତ୍ସାହନ ଦେଇ ପିପିଲି ଅଂଚଳରେ ଥିବା ମୂଲ୍ୟବାନ ଚକଜମି,ଅନାବାଦୀ,ଗୋଚର ଜମିର କିସମ ପରିବର୍ତ୍ତନ (ଘରବାରୀ) ରେକର୍ଡ଼ କରି ବ୍ୟାପକ ଅର୍ଥ ଲୁଟି ନେଇଛନ୍ତି । କିସମ ପରିବର୍ତ୍ତନ ହୋଇ ଥିବା ପାର୍ଶ୍ୱଜମିଗୁଡିକ ମଧ୍ୟରେ କେନାଲ ପାଣି ଓ ବର୍ଷା ଦିନରେ ବର୍ଷା ପାଣି ନିଷ୍କାସନରେ ବ୍ୟାଘାତ ସୃଷ୍ଟି କରିବା ସଂକେତ ଦେଖା ଦେଇ ଅଛି। ଏମିତି କି ଅଂଚଳର ଚାଷୀ ଓ ଜନସାଧାରଣ ଜଳବନ୍ଦୀରେ ରହିବେ। ଏହି ଅଭିଯୋଗର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ରାଜସ୍ୱ ମନ୍ତ୍ରୀ ଏବଂ ସଚିବ ନଜର ଦେଇ ତଦନ୍ତ ପୂର୍ବକ ସଂପୃକ୍ତ ପଦାଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଟିଟିଲାଗଡ଼ରୁ ହରିଶଙ୍କରକୁ ଗଡ଼ିଲା ବସ୍

ବଲାଙ୍ଗୀର,(ନିପ୍ର): ଟିଟିଲାଗଡ଼ରୁ ହରିଶଙ୍କର ଯିବାକୁ ହେଲେ ଟ୍ରେନ ଯୋଗେ କିମ୍ବା ପ୍ରାଇଭେଟ୍ ଗାଡ଼ି କରି ଯିବାକୁ ପଡୁଥିଲା। ଟିଟିଲାଗଡ଼ରୁ ସିଧାସଳଖ ହରିଶଙ୍କର ଯିବା ପାଇଁ କୌଣସି ଡାଇରେକ୍ଟ ବସ ନ ଥିଲା । ତେବେ ଏହାକୁ ନେଇ ସ୍ଥାନୀୟ ଲୋକେ ବିଧାୟକ ନବୀନ ଜୈନଙ୍କୁ ଏକ ବସ ଚଲାଇବା ପାଇଁ ଦାବି କରିଥିଲେ । ତେବେ ବିଧାୟକ ମଧ୍ୟ ଏନେଇ ପ୍ରତିଶ୍ରୁତି ଦେବା ସହ ଅତି ଶୀଘ୍ର ଏହି ଦାବି ପୂରଣ କରିବି ବୋଲି କହିଥିଲେ । ଫଳ ସ୍ୱରୂପ ଶିବରାତ୍ରୀ ପୂର୍ବରୁ ଅର୍ଥାତ ୧୩ ତାରିଖ ଦିନ ସ୍ଥାନୀୟ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ନଡ଼ିଆ ବାଡେଇ ପୂଜାର୍ଚ୍ଚନା କରି ପତାକା ଦେଖାଇ ଏହି ବସର ଶୁଭାରମ୍ଭ କରିବା ସହ ନିଜେ ବସ ଡ୍ରାଇଭର ସିଟରେ ବସିବସ ଚଲାଇଥିଲେ। ଯାହାକି ଲୋକେ ବହୁତ ଆନନ୍ଦିତ ହୋଇଥିଲେ ।

ଏହି ବସର ଉଦ୍‌ଘାଟନ ସମାରୋହରେ ଟିଟିଲାଗଡ଼ ପୌର ପରିଷଦର ଅଧକ୍ଷା ମମତା ଦେବୀ ଜୈନ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ଓ ବହୁ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ । ତେବେ ଏହି ବସ୍ ଚାଲିବା ପରେ ଗୋଟିଏ ଦିନରେ ହିଁ ସକାଳୁ ବାହାରି ହରିଶଙ୍କରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ ଲାଭ କରି ବୁଲା ବୁଲି କରି ପୁଣି ଟିଟିଲାଗଡ଼କୁ ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରିପାରିବେ ବୋଲି ବିଧାୟକ କହିଛନ୍ତି।

ପ୍ରହସନ ପାଲଟିଛି ସ୍ୱାସ୍ଥ୍ୟ ବିଭାଗର ପାଲା ସଚେତନତା !

ନୟାଗଡ,(ନିପ୍ର): ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୁସ୍ଥ ନାରୀ କନ୍ୟା ଭ୍ରୂଣ ହତ୍ୟା କିଶୋରୀ ବାଳିକା ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତସ୍ତରୀୟ ଆୟୋଜନ ହେଉଥିବା ବେଳେ ସାବିଦେଇପୁର ଗ୍ରାମରେ କେହି ନଥିବାବେଳେ ଟାଣ ଖରାରେ କାହାରିକୁ ନ ଜଣାଇ ପାଲା ପରିବେଷଣ କରାଯାଇଥିବା ସ୍ଥାନୀୟ ସାଧାରଣରେ କୁହାଯାଇଛି । ପାଲାଗାୟକ ଓ ତାଙ୍କ ସାଥି , ସୁସ୍ଥ ନାରୀ, କନ୍ୟାଭ୍ରୁଣ ହତ୍ୟା, ନାବାଳିକା ଚାଲାଣ ଓ ବାଲ୍ୟ ବିବାହ ଉପରେ ସମସ୍ତଙ୍କୁ ସଚେତନ କରିବାକୁ ସରକାର ଯୋଜନା କାର୍ଯ୍ୟକାରି କରି ଆସୁଛନ୍ତି । ହେଲେ ସରକାରୀ କର୍ମଚାରୀଙ୍କ ମନମୁଖୀ ପାଇଁ ନାରୀ ଓ ଶିଶୁମାନଙ୍କ ଉପରେ ଅତ୍ୟାଚାର ବଢିବାରେ ଲାଗିଛି । ଓଡ଼ଗାଁ ବ୍ଲକ୍ ମଗରବନ୍ଧ ପଞ୍ଚାୟତ ସାବିଦେଇପୁର ଗ୍ରାମରେ ପାଲା ମାଧ୍ୟମରେ ଚାଲିଥିବା ସଚେତନତାରୁ ଏହା ଜଣାପଡ଼ିଛି । ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଂପର୍କୀତ ସୁସ୍ଥ ନାରୀ, କନ୍ୟାଭ୍ରୁଣ ହତ୍ୟା, ନାବାଳିକା ଚାଲାଣ ଓ ବାଲ୍ୟ ବିବାହ ଉପରେ ରୋକ ଲଗାଇବା ପାଇଁ ସଚେତନ କରାଯାଉଥିଲା । ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ କିନ୍ତୁ ପାଲା

ପରିବେଷଣ ପୂର୍ବରୁ କାହାରିକୁ ସୂଚନା ଦିଆଯାଇନଥିଲା । ଏମିତିକି ପାଲା ପରିବେଷଣ ପାଇଁ ଢ଼ାକବାଜା ଯନ୍ତ୍ର ମଧ୍ୟ ନ ଥିବାରୁ ନିଜ ନିଜ ମଧ୍ୟରେ ପାଲା ପରିବେଷଣ କରି ସାରି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ସଚେତନତାକୁ କିଭଳି ପାଳନ କରାଯାଉଛି । ତାହା ଉପରେ କାହାରି ଟିକେ ବି ନଜର ନ ଥିବା ସମସ୍ତଙ୍କୁ ଚକିତ କରିଛି । ପାଲା ପରିବେଷଣ ପାଇଁ ଗାଁ କଲ୍ୟାଣ ସମିତି ପାଣ୍ଠିରୁ ୧୫ଶହ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏସବୁ ବେକାର ବୋଲି ଗ୍ରାମବାସୀ କହିଛନ୍ତି । ଏହାର ତଦନ୍ତ କରି ଦାୟୀତ୍ୱରେ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଏହିପରି ବରଡ଼ିହି ମଗରବନ୍ଧ ଓ ଅନ୍ୟାନ୍ୟ ଗ୍ରାମରେ ସମାନ ଅବସ୍ଥା ବୋଲି ଖବର ମିଳିଛି ।

ଛାତ୍ରଛାତ୍ରୀଙ୍କୁ ମଣିଷ ପରି ମଣିଷ ହେବାକୁ ଉପଦେଶ

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀ ସଭାପତିତ୍ୱ କରି ମହାବିଦ୍ୟାଳୟର ସାମଗ୍ରିକ ବିକାଶ ସନ୍ତୋଷଜନକ ବୋଲି କହିଥିବାବେଳେ

ପରୀକ୍ଷାଫଳ ଏବଂ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ନୃପରାଜ ଯାଦବ ଯୋଗଦାନ କରି ମହାବିଦ୍ୟାଳୟର ସାମ୍ପ୍ରତିକ ସ୍ଥିତି ଏବଂ ବିକାଶକୁ ଭୂୟୋସୀ ପ୍ରଶଂସା କରିଥିଲା ବେଳେ, ସମ୍ମାନୀତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ରଥ ଯୋଗଦାନ କରି ଏହି ମହାବିଦ୍ୟାଳୟ ସହିତ ତାଙ୍କର ବ୍ୟକ୍ତିଗତ ଏବଂ ଆନୁଷ୍ଠାନିକ ସମ୍ପର୍କ କେତେ ନିବିଡ ତା’ ଉପରେ ଆଲୋକପାତ କରିଥିଲେ । ନିଜସ୍ୱ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ମଣିଷ ପରି ମଣିଷ ହେବାକୁ ଉପଦେଶ ଦେଇଥିଲେ । ଛାତ୍ର ସଂସଦର ଉପଦେଷ୍ଟା ଡକ୍ଟର ସତୀସଚନ୍ଦ୍ର ଖମାରୀ ନିଜସ୍ୱ ବକ୍ତବ୍ୟରେ ଛାତ୍ର-ଛାତ୍ରୀମାନଙ୍କୁ କର୍ମଠ ଏବଂ କର୍ମଯୋଗୀ ହେବା ପାଇଁ ଆହ୍ୱାନ କରିଥିଲେ ।

ଜଙ୍ଗଲ ଆଇନ ଉଲ୍ଲଙ୍ଘନ ନେଇ ନୋଟିସ

‘ବାୟୁ ପ୍ରଦୂଷଣ : ଲୋକେ ଶ୍ୱାସଜନିତ ରୋଗରେ ପଡୁଛନ୍ତି’

କେନ୍ଦୁଝର,(ନିପ୍ର): ଜଙ୍ଗଲ ଆଇନ ଉଲ୍ଲଂଘନ ଅଭିଯୋଗରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ଏକ କଂପାନୀ ପରିଚାଳିତ ଠାକୁରାଣୀ ଲୌହ ଖଣିର ଅକ୍ୟୁପାୟରଙ୍କୁ ନୋଟିସ କରିଛନ୍ତି । ମେମୋ ନମ୍ବର ୧୩୫୨ ତା ୨୮/୦୧/୨୦୨୬ରେ ଏହି ନୋଟିସ କରାଯାଇଛି । ଗତ ଜାନୁୟାରୀ ୧୯ ତାରିଖରେ ଏସିଏଫ୍ ପ୍ରତୀକ ଇନ୍ଦଲକର, ବଡବିଲ ରେଞ୍ଜର ସଞ୍ଜିବ କୁମାର ରାଉତ ଖଣି ଯାଂଚ ବେଳେ ବହୁ ଅନିୟମିତତା ଜଣାପଡିବା ପରେ ଏଭଳି ନୋଟିସ କରାଯାଇଛି । ଖଣି ଖନନ ଓ ପରିବହନ ପାଇଁ ସରକାରଙ୍କ ସ୍ୱତନ୍ତ୍ର ନୀତିନିୟମ ରହିଛି । ଉକ୍ତ ନୀତିନିୟମକୁ ପାଳନ ନ କରି ପରିବେଶକୁ କ୍ଷତି କରୁଥିବାବେଳେ ଏହାର ସମାଧାନ କରାଯାଉନଥିବା ଜଣାପଡିଥିଲା । ବିଭିନ୍ନ ଅନିୟମିତତା ମଧ୍ୟରେ ଠାକୁରାଣୀ-ନାଲଦା ରାସ୍ତା ଓ ନାଲଦା କିରିବୁର ରାସ୍ତାରେ ପାଣି ସିଂଚନ ହେଉନଥିବାରୁ ବ୍ୟାପକ ଧୂଳି ଉଡି ପରିବେଶ କ୍ଷତି କରୁଛି । ଖଣିର ଗାଡି ପାର୍କିଂ ସ୍ଥାନରେ ପାଣି ସିଂଚନ ହେଉନଥିବାରୁ ବ୍ୟାପକ ଧୂଳି ଉଡୁଛି । ଖଣିକୁ ଯାଇଥିବା ରାସ୍ତା ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାବେଳେ ଏହାର କିସମ ଅଣଜଙ୍ଗଲରେ ପରିବର୍ତ୍ତନ ହୋଇନାହିଁ । ଏହା ସତ୍ତ୍ୱେ ଉକ୍ତ ରାସ୍ତାକୁ ବ୍ୟବହାର କରାଯାଉଥିବାରୁ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ଖିଲାପ ହେଉଛି । ସେହିପରି ଖଣି ସଂସ୍ଥା ଦ୍ୱାରା ହୋଇଥିବା ବନୀକରଣ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ହେଉନଥିବାରୁ ଅଧାରୁ ଅଧିକ ଗଛ ନଷ୍ଟ ହୋଇଯାଇଛି । ସେହିପରି ଗାଡି ଚଳାଚଳ ଯୋଗୁଁ ଆଖପାଖ ଗ୍ରାମରେ ଧୂଳି ଉଡି ବାୟୁ ପ୍ରଦୂଷଣ ହେଉଛି । ବ୍ୟାପକ ବାୟୁ ପ୍ରଦୂଷଣ ଯୋଗୁଁ ଲୋକମାନେ ଶ୍ୱାସଜନିତ ରୋଗରେ ପଡୁଛନ୍ତି ସ୍ଥାନୀୟ ସରପଂଚଙ୍କ ଅଭିଯୋଗ କରିଛନ୍ତି ଯାହାକି ନୋଟିସରେ ଉଲ୍ଲେଖ ରହିଛି । ପ୍ରଦୂଷଣ ରୋକିବା ପାଇଁ ଗ୍ରାରଲାଣ୍ଡ ଡ୍ରେନ,ରିଟେନିଂ ୱାଲ ,ଡମ୍ପାର୍ଡ ପରିଚାଳନା ଆଦି ଠିକ୍ ଭାବରେ କରାଯାଇନାହିଁ । ଏଣୁ ତୁରନ୍ତ ପ୍ରତିକାର ପଦକ୍ଷେପ ନେବାକୁ ନୋଟିସରେ ଉଲ୍ଲେଖ ରହିଛି । ଏହାର କପିସିସିଏଫ, ପିସିସିଏଫ(ନୋଡାଲ), ରାଉଲକେଲା ଆରସିସିଏଫ, ପରିବେଶ,ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନରୋଲ ଅଫ୍ ଫରେଷ୍ଟ,କେନ୍ଦୁଝର ଜିଲ୍ଲାପାଳ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀଙ୍କୁ ଏହାର କପି ପ୍ରଦାନ କରାଯାଇଛି ।

୧୫୬ ୟୁନିଟ ରକ୍ତ ସଂଗୃହୀତ

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅଧୀନ କାରାଖେଣ୍ଡା ଷ୍ଟିଲ୍ ପ୍ଲାଣ୍ଟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ରୁଙ୍ଗଟା ମାଇନ୍ସ ଲିମିଟେଡର କାରାଖେଣ୍ଡାର ୧୫୬ ଜଣ କର୍ମଚାରୀ ରକ୍ତଦାନ କରିଥିଲେ । ଶିବିରଟି ଏକ ସ୍ଥାନୀୟ ରକ୍ତଭଣ୍ଡାର ସହିତ ସହଯୋଗରେ ପରିଚାଳିତ ହୋଇଥିଲା । ବରିଷ୍ଠ ଅଧିକାରୀ ତଥା ନିର୍ଦ୍ଦେଶକ ପ୍ରଣବ କୁମାର ଦେଓ, ପ୍ଲାଣ୍ଟ ମୁଖ୍ୟ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ବିଭାଗ ସିଜିଏମ ଆନନ୍ଦ ଚନ୍ଦ୍ର ସାହୁ,କାରଖାନା ପରିଚାଳକ ବିଶ୍ୱ ରଞ୍ଜନ ପାଢି ଓ ଭି.ଏନ.ଝା,ପି. ସୁନ୍ଦରମଣ,କେ.ସି. ପାତ୍ର,ଡକ୍ଟର ଶାଲିନୀ ଶର୍ମା,ସୌଭିକ୍ ଭଟ୍ଟାଚାର୍ଯ୍ୟ,କଲ୍ୟାଣ କମଳ ଭୂୟାଁ,ଚନ୍ଦ୍ର ଶେଖର ମିଶ୍ର,ସଞ୍ଜୟ କୁମାର କନୌଜିୟା,ବିରଜା ଦାସ,ଭାଗୀରଥ ପଣ୍ଡା କମ୍ପାନୀର ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ ଏବଂ କର୍ମଚାରୀଙ୍କ ମହାନ କ୍ରିୟାକୁ ପ୍ରଶଂସା କରିଥିଲେ ।

ବିଭିନ୍ନ ଶୈବପୀଠ ହେଲା ଶିବମୟ

ଦାମନଯୋଡି,(ନିପ୍ର): ଦାମନଯୋଡିର ବିଭିନ୍ନ ଶୈବପୀଠ ମହାଶିବରାତ୍ରି ପାଳିତ ହୋଇଯାଇଛି । ଭେଜାପୁଟସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ପ୍ରତିପାଦିତ ହୋଇଥିଲା । ବଡ଼ି ସକାଳୁ ଦ୍ୱାରଫିଟା ବେଳକୁ ଭକ୍ତଙ୍କ ଭିଡ଼ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଜାଗର ବ୍ରତ ଓ ଉପବାସ କରୁଥିବା ଲୋକେ ସକାଳୁ ଦର୍ଶନ କରି ଉପବାସ ଆରମ୍ଭ କରିଥିଲେ । ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ପରେ ରୁଦ୍ରଭିସେକ କରାଯାଇଥିଲା । ରାତ୍ରୀ ସାଢ଼େ ଦଶଟା ବେଳକୁ ମହାଦୀପ ଉଠିଥିଲା । ହରିବୋଲ ହୁଳହୁଳି ସାଙ୍ଗକୁ ଶିବ ଧ୍ୱନିରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ମନ୍ଦିରର ନିତ୍ୟ ପୂଜକ ଦେବେନ୍ଦ୍ର ଦାଶ, ମାନସ କୁମାର ଦାଶ, ସନ୍ତୋଷ କୁମାର ଦାଶ ପ୍ରମୁଖ ସମସ୍ତ ପୂଜାନୀତି ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ମନ୍ଦିର ପରିସରରେ ଶହ ଶହ ଲୋକେ ଦୀପ ଜାଳି ଜାଗର ବ୍ରତ ପାଳିଥିଲେ । ବ୍ରତାଧାରୀଙ୍କୁ ଉତ୍ସାହ କରିବା ପାଇଁ ରାତି ସାରା ଭଜନ କୀର୍ତ୍ତନ କରାଯାଇଥିଲା । ସେହିପରି ନାଲକୋ ଟାଉନସିପ ସ୍ଥିତ ଶିବ ମନ୍ଦିର, ମାଥାଲପୁଟସ୍ଥିତ ବଟୁକେଶ୍ୱର ମନ୍ଦିର, ତ୍ରିନାଥ ମନ୍ଦିର, ମରିଚମାଳ ଶ୍ରୀ ସିଦ୍ଧେଶ୍ୱର ମନ୍ଦିରରେ ମଧ୍ୟ ମହାଶିବରାତ୍ରି ପାଳନ ହୋଇଥିଲା।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପିତୃମାତୃ ପୂଜନ ସମାରୋହ

ବଡ଼ସାହି,(ନିପ୍ର): ସବୁଠି ଭାଲେଂଟାଇନ ଡେ ପାଳନ ହେଉଥିବା ବେଳେ ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବିବେକାନନ୍ଦ

ଶିକ୍ଷାକେନ୍ଦ୍ର ପରିସରରେ ପିତୃ ମାତୃ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ପୂହାଣ ସୂର୍ଯ୍ୟକାନ୍ତି ରାଉତ ପିଲାମାନଙ୍କୁ ଆଜିର ଦିବସରେ ପିତାମାତାଙ୍କୁ କାହିଁକି ପୂଜା କରିବା ଆବଶ୍ୟକ, ଭାରତୀୟ ସଂସ୍କୃତିରେ ଏହାର ଉପାଦେୟତା କ’ଣ ରହିଛି ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଦୀପକ କୁମାର ଦାସ, ମଳୟ ମଞ୍ଜରୀ ରଥ, କାର୍ତ୍ତିକ ସେଠୀ, ସୋନଙ୍କି ଦଣ୍ଡପାଟ, ସୌମ୍ୟରଞ୍ଜନ ନାୟକ ଅଦି ଯୋଗଦାନ କରି ପିତାମାତା ହେଉଛନ୍ତି ଜୀବନ୍ତ ଦେବତା ତାଙ୍କୁ ପ୍ରଣାମ କରିବା ଓ ତାଙ୍କ ପାଦ ସେବା କଲେ ଅଶେଷ କଲ୍ୟାଣ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ ।

‘ଚିନ୍ତାମୁକ୍ତ ଜୀବନଶୈଳୀ ସମୟର ଆବଶ୍ୟକତା’

ଆସିକା,(ନିପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ପ୍ରଦର୍ଶନୀ ପଡିଆରେ ତ୍ରିଦିବସୀୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍ଘାଟିତ ହୋଇଯାଇଛି । ତ୍ରିଦିବସୀୟ ମେଳାର ଉଦଘାଟନୀ ସମାରୋହରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସମସ୍ତ ଜ୍ୟୋତିର୍ଲିଙ୍ଗଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ । ଆସ୍କା ସୁଗାର ଇଣ୍ଡଷ୍ଟ୍ରିର ମ୍ୟାନେଜିଂ ଡାଇରେକ୍ଟର

ହିନ୍ଦୁମାନେ ବିଶ୍ୱର ଜନସଂଖ୍ୟାର ପ୍ରାୟ ୧୫ %

ନୂଆଦିଲ୍ଲୀ,୧୬।୨: ବିଶ୍ୱରେ ଧାର୍ମିକ ବିବିଧତା ଏବଂ ବିଭିନ୍ନ ଧର୍ମର ଅନୁଗାମୀ ମାନଙ୍କୁ ନେଇ ଏକ ରିପୋର୍ଟ ପ୍ରକାଶ କରିଛି ପ୍ୟୁ ରିସର୍ଚ୍ଚ ସେଣ୍ଟର । ଏଥିରୁ ଜଣାପଡିଛି ଯେ, ବିଶ୍ୱରେ ଖ୍ରୀଷ୍ଟିଆନ ଧର୍ମକୁ ବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ଆଗକୁ ବଢୁଛି । ଖ୍ରୀଷ୍ଟିଆନ ଏବଂ ଇସଲାମ ପରେ, ନାସ୍ତିକ ମାନେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟା । ହିନ୍ଦୁ ମାନେ ବିଶ୍ୱର ଜନସଂଖ୍ୟାର ପ୍ରାୟ ୧୫ % । ୨୦୧ ଟି ଦେଶକୁ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ସିଙ୍ଗାପୁର ବିଶ୍ୱର ସବୁଠାରୁ ଧାର୍ମିକ ବିବିଧ ଦେଶ । ରିପୋର୍ଟ ଅନୁଯାୟୀ, ଖ୍ରୀଷ୍ଟିଆନ ୨.୩ ବିଲିୟନ ଜନସଂଖ୍ୟା ସହିତ ବିଶ୍ୱର ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ରହିଛି । ତଥାପି, ବିଶ୍ୱ ଜନସଂଖ୍ୟା ବୃଦ୍ଧି ହାର କିଛିଟା ହ୍ରାସ ପାଇଛି । ଇସଲାମ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ଧର୍ମ । ଗତ ଦଶ ବର୍ଷ ମଧ୍ୟରେ ମୁସଲମାନ ମାନେ ୩୪୭ ମିଲିୟନ (୩୪.୭କୋଟି) ବୃଦ୍ଧି ପାଇଛନ୍ତି । ହିନ୍ଦୁ ଜନସଂଖ୍ୟା ୧୨୬ ମିଲିୟନ (୧୨.୬ କୋଟି) ବୃଦ୍ଧି ପାଇ ୧.୨ ବିଲିୟନ ହୋଇଛି । ହିନ୍ଦୁ ମାନେ ବର୍ତ୍ତମାନ ବିଶ୍ୱ ଜନସଂଖ୍ୟାର ୧୪.୯%। ବିଶ୍ୱରେ ନାସ୍ତିକଙ୍କ (ଯେଉଁମାନେ କୌଣସି ଧର୍ମକୁ ପାଳନ କରନ୍ତି ନାହିଁ) ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ବିଶ୍ୱ ସ୍ତରରେ, କୌଣସି ଧର୍ମକୁ ପାଳନ କରୁନଥିବା ଲୋକଙ୍କ ମଧ୍ୟରୁ ୨୪.୨% ଲୋକ ବର୍ତ୍ତମାନ ତୃତୀୟ ବୃହତ୍ତମ ବର୍ଗ । ବୌଦ୍ଧ ହେଉଛନ୍ତି ଏକମାତ୍ର ପ୍ରମୁଖ ଗୋଷ୍ଠୀ ଯାହାଙ୍କ ସଂଖ୍ୟା ହ୍ରାସ ପାଇଛି । ଧାର୍ମିକ ବିବିଧତା ବିଷୟରେ, ପିଉ ରିସର୍ଚ୍ଚ ସେଣ୍ଟର ଅଧ୍ୟୟନ ଅନୁଯାୟୀ, ସିଙ୍ଗାପୁର ହେଉଛି ବିଶ୍ୱର ସବୁଠାରୁ ଧାର୍ମିକ ବିବିଧ ଦେଶ । ବୌଦ୍ଧ (୩୧%) ସିଙ୍ଗାପୁରରେ ସବୁଠାରୁ ବଡ଼ ଧାର୍ମିକ ଗୋଷ୍ଠୀ । ସିଙ୍ଗାପୁରର ଜନସଂଖ୍ୟାର ୨୦% ନାସ୍ତିକ, ଖ୍ରୀଷ୍ଟିଆନ ୧୯%, ମୁସଲମାନ ୧୬%, ହିନ୍ଦୁ ୫% ଏବଂ ଅନ୍ୟ ଧର୍ମର ଅନୁଗାମୀ ୯% । ଧାର୍ମିକ ବିବିଧତାରେ ସୁରିନାମ ଦ୍ୱିତୀୟ ସ୍ଥାନରେ ଅଛି । ଏହା ଶୀର୍ଷ ୧୦ ରେ ଏକମାତ୍ର ଲାଟିନ୍ ଆମେରିକୀୟ ଦେଶ । ସୁରିନାମ ୫୩% ଖ୍ରୀଷ୍ଟିଆନ । ଏହା ପରେ ହିନ୍ଦୁ (୨୨%), ମୁସଲମାନ (୧୩%) ଏବଂ ନାସ୍ତିକ (୮%) ଅଛନ୍ତି । ଏହି ତାଲିକାର ଶ୍ରେଷ୍ଠ ୧୦ ଦେଶ ମଧ୍ୟରେ ତାଇୱାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ମରିସସ୍ । ଶ୍ରେଷ୍ଠ ୧୦ ମଧ୍ୟରେ ଫ୍ରାନ୍ସ ଏକମାତ୍ର ୟୁରୋପୀୟ ଦେଶ । ଏହାର ଜନସଂଖ୍ୟା ୪୬% ଖ୍ରୀଷ୍ଟିଆନ, ୪୩% ନାସ୍ତିକ ଏବଂ ୯% ମୁସଲମାନ । ଆମେରିକା ବିଶ୍ୱର ୧୦ ଟି ସର୍ବାଧିକ ଧାର୍ମିକ ବିବିଧତା ଦେଶ ମଧ୍ୟରେ ନାହିଁ । ତଥାପି, ୧୦ ଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶକୁ ଦେଖିଲେ, ଧାର୍ମିକ ବିବିଧତାରେ ଆମେରିକା ପ୍ରଥମ ସ୍ଥାନରେ ଅଛି, ତା'ପରେ ନାଇଜେରିଆ, ରଷ, ଭାରତ ଏବଂ ବ୍ରାଜିଲ ରହିଛି । ଯିହୂଦୀମାନେ ବିଭିନ୍ନ ଦେଶରେ ସମାନ ଭାବରେ ବଣ୍ଟା ଯାଇଛି । ବିଶ୍ୱର ଯିହୂଦୀ ଜନସଂଖ୍ୟାର ୪୦% ଆମେରିକାରେ ଏବଂ ୪୬% ଇସ୍ରାଏଲରେ ବାସ କରନ୍ତି । ହିନ୍ଦୁମାନେ ବିଶ୍ୱର ଏକ ବଡ଼ ଅଂଶରେ ବିସ୍ତାରିତ, କିନ୍ତୁ ଦକ୍ଷିଣ ଏସିଆରେ କେନ୍ଦ୍ରିତ । ବିଶ୍ୱର ହିନ୍ଦୁ ଜନସଂଖ୍ୟାର ପ୍ରାୟ ୯୫% ଭାରତରେ ବାସ କରନ୍ତି । ବାଂଲାଦେଶ ଏବଂ ନେପାଳରେ ମଧ୍ୟ ଉଲ୍ଲେଖନୀୟ ହିନ୍ଦୁ ଜନସଂଖ୍ୟା ଅଛି ।

କେମିକାଲ କାରଖାନାରେ ଭୟଙ୍କର ବିସ୍ଫୋରଣ: ୮ ଜୀବନ୍ତ ଦଗ୍ଧ

ଜୟପୁର,୧୬।୨: ରାଜସ୍ଥାନର ଭିଓ୍ୱଡିରେ ଏକ ରାସାୟନିକ କାରଖାନାରେ ଏକ ବଡ଼ ବିସ୍ଫୋରଣ ଘଟି ଭୟଙ୍କର ଅଗ୍ନିକାଣ୍ଡ ହୋଇଛି । ସୂଚନା ପାଇ ଅଧ ଡଜନ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । ସେତେବେଳକୁ ନିଆଁ ଆଁରେ ଆଠଜଣ ଫସିଯାଇଥିଲେ । ଅଗ୍ନିଶମ ବାହିନୀର କର୍ମଚାରୀମାନେ ସମୟ ମଧ୍ୟରେ ଲୋକଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ ଏବଂ ଆଠ ଜଣ ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସୂଚନା ଅନୁଯାୟୀ, ରାସାୟନିକ ପଦାର୍ଥ ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା । ସୋମବାର ସକାଳେ ଖୁଶଖେଡାର ଶିଳ୍ପାଞ୍ଚଳରେ ଅବସ୍ଥିତ ଏକ କାରଖାନାରେ ଜୋରଦାର ବିସ୍ଫୋରଣ ହୋଇଥିଲା । କିଛି ସମୟ ମଧ୍ୟରେ କାରଖାନାର ଚାରିଆଡେ ନିଆଁ ବ୍ୟାପି ଯାଇଥିଲା । ଖୁସଖେଡା ଶିଳ୍ପ ଅଞ୍ଚଳର ଏ-୧, ୧୧୮ ଅଞ୍ଚଳ କିଛି ମାସ ଧରି ବନ୍ଦ ଥିଲା । ତେବେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । କାରଖାନାରେ କାର୍ଡବୋର୍ଡର ଏକ ବଡ଼ ଷ୍ଟକ୍ ରହିଥିଲା । ଏହି ସ୍ଥାନରେ ତିନିରୁ ଚାରୋଟି ଜୋରରେ ବିସ୍ଫୋରଣ ହୋଇଥିଲା, ଯାହାପରେ ନିଆଁ ବ୍ୟାପି ଯାଇଥିଲା । ସନ୍ଦେହ କରାଯାଉଛି ଯେ ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା । ସୋମବାର ସକାଳେ, କାରଖାନାଟି ନିଆଁ ପିଣ୍ଡୁଳାରେ ପରିଣତ ହେଲା ଭଳି ମନେ ହୋଇଥିଲା । ଭିତରୁ ଲୋକଙ୍କ ଚିତ୍କାର ଏବଂ କ୍ରନ୍ଦନ ଶୁଣାଯାଉଥିଲା । ଲୋକମାନେ ବିଭିନ୍ନ ଦିଗକୁ ଦୌଡ଼ିବାକୁ ଲାଗିଥିଲେ । ହଠାତ୍, ସମଗ୍ର ଅଞ୍ଚଳ ନିଆଁରେ ପୋଡ଼ି ଯାଇଥିଲା । ରିପୋର୍ଟ ଅନୁସାରେ, ଘଟଣା ସମୟରେ ଭିତରେ ପ୍ରାୟ ୨୫ ଜଣ ଶ୍ରମିକ ଥିଲେ । ବିସ୍ଫୋରଣ ପରେ, କିଛି ଲୋକ ଖସି ପଳାଇବାରେ ସଫଳ ହୋଇଥିଲେ, ଯେତେବେଳେ ୮ ଜଣ ଭିତରେ ଫସି ରହି ନିଆଁରେ ଫସି ଯାଇଥିଲେ ।

ୟୁକ୍ରେନରୁ ପଳାୟନ ଯୋଜନା କରୁଥିବା ଜେଲେନସ୍କିଙ୍କ ପୂର୍ବତନ ମନ୍ତ୍ରୀ ଗିରଫ

ନୂଆଦିଲ୍ଲୀ,୧୬।୨: ୟୁକ୍ରେନର ପୂର୍ବତନ ଶକ୍ତି ମନ୍ତ୍ରୀ ଜର୍ମାନ ଗାଲୁଷ୍ଟେଙ୍କୋଙ୍କୁ ଗିରଫ କରାଯାଇଛି । ଦେଶ ଛାଡି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ଅଟକ ରଖାଯାଇଛି । ୟୁକ୍ରେନର ଜାତୀୟ ଦୁର୍ନୀତି ନିବାରଣ ବ୍ୟୁରୋ କହିଛି, ସୀମା ପାର କରିବା ସମୟରେ ପୂର୍ବତନ ମନ୍ତ୍ରୀଙ୍କୁ ଧରାଯାଇଥିଲା । କର୍ତ୍ତୃପକ୍ଷ ସେମାନଙ୍କ ବିବୃତିରେ ଗାଲୁଷ୍ଟେଙ୍କୋ ନାମ ନେଇ ନଥିଲେ, କିନ୍ତୁ ୟୁକ୍ରେନୀୟ ଗଣମାଧ୍ୟମ ଗିରଫ ବ୍ୟକ୍ତିଙ୍କୁ ପୂର୍ବତନ ମନ୍ତ୍ରୀ ଭାବରେ ଚିହ୍ନଟ କରିଛି । ଦୁର୍ନୀତି ନିବାରଣ ବ୍ୟୁରୋ କହିଛି, ଏକ ପ୍ରାରମ୍ଭିକ ତଦନ୍ତ ଚାଲିଛି । ଆଇନ ଓ କୋର୍ଟର କଟକଣା ଅନୁଯାୟୀ ଏହା କରାଯାଉଛି । ଖୁବ୍ ଶୀଘ୍ର ସୂଚନା ପ୍ରଦାନ କରାଯିବ । ଗାଲୁଷ୍ଟେଙ୍କୋ କିଛି ବର୍ଷ ଧରି ଦେଶର ଶକ୍ତି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ କିନ୍ତୁ ଦୁର୍ନୀତି ଅଭିଯୋଗ ଅଣାଯିବା ପରେ ଗତ ନଭେମ୍ବରରେ ଇସ୍ତଫା ଦେଇଥିଲେ ।

ହିମସ୍ଖଳନ ଯୋଗୁଁ ଟ୍ରେନ ଲାଇନଚ୍ୟୁତ

ଗସ୍ପେନଷ୍ଟାଇନ,୧୬।୨: ସୋମବାର ଦକ୍ଷିଣ ସ୍ୱିଜରଲ୍ୟାଣ୍ଡରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଗସ୍ପେନଷ୍ଟାଇନ ଗାଁ ନିକଟରେ ହିମସ୍ଖଳନ ପରେ ୮୦ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି । ସ୍ୱିସ ପୋଲିସ ଅଧିକାରୀମାନେ ସକାଳ ୭ଟାରେ ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି । ଅନେକ ଲୋକ ଆହତ ହେବାର ଆଶଙ୍କା କରାଯାଉଛି । ସମ୍ବାଦ ସଂସ୍ଥା ଏଏଫପି ଅନୁଯାୟୀ, ସକାଳ ୧୦ଟା ସୁଦ୍ଧା ପ୍ରଭାବିତ କୋଚରୁ ୩୦ ଜଣ ଯାତ୍ରୀଙ୍କୁ ବାହାର କରାଯାଇଛି, ଯେତେବେଳେ ଆମ୍ବୁଲାନ୍ସ ଏବଂ ଉଦ୍ଧାର ହେଲିକପ୍ଟର କାର୍ଯ୍ୟ ଜାରି ରଖିଛନ୍ତି ।

ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ମାମଲା

୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ଗଠନ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧ : କେରଳର ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ସୋମବାର ସୁପ୍ରିମକୋର୍ଟ ଏକ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି । ଏପ୍ରିଲ ୭ରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଏପ୍ରିଲ ୨୨ ତାରିଖ ସୁଦ୍ଧା ଶେଷ ହେବ ବୋଲି ପ୍ରସ୍ତାବ ରହିଛି । ଖଣ୍ଡପୀଠରେ କିଏ କିଏ ରହିବେ ସେ ସମ୍ପର୍କରେ ପ୍ରଧାନ ବିଚାରପତି ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଦେବେ । କୋର୍ଟ ପକ୍ଷଗୁଡ଼ିକୁ ମାର୍ଚ୍ଚ ୧୪ କିମ୍ବା ତା'ପୂର୍ବରୁ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ କହିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ସାବରିମାଳା ମନ୍ଦିରରେ ସମସ୍ତ ବୟସ ବର୍ଗର ମହିଳାଙ୍କ ପ୍ରବେଶକୁ ଅନୁମତି ଦେଇଥିବା ରାୟର ସମୀକ୍ଷା ପାଇଁ ଆବେଦନକୁ ସମର୍ଥନ କରନ୍ତି । ସାବରିମାଳା ରାୟର ସମୀକ୍ଷାକୁ ସମର୍ଥନ କରୁଥିବା ପକ୍ଷ ପାଇଁ ଖଣ୍ଡପୀଠ ଓକିଲ କୃଷ୍ଣ କୁମାର ସିଂହଙ୍କୁ ନୋଡାଲ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି । ଏହାକୁ ବିରୋଧ କରୁଥିବା ପକ୍ଷ ପାଇଁ ଶାଶ୍ୱତି ପରିଙ୍କୁ ନୋଡାଲ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି । ଶିବମ ସିଂହଙ୍କ ସହିତ ବରିଷ୍ଠ ଓକିଲ କେ ପରମେଶ୍ୱରଙ୍କୁ ଆମିକସ୍ ଭାବରେ ନିଯୁକ୍ତ କରାଯାଇଛି । ସବରିମାଳା ମାମଲା ବ୍ୟତୀତ ସର୍ବୋଚ୍ଚ କୋର୍ଟ ମୁସଲିମ ମହିଳାମାନଙ୍କର ମସଜିଦ ଏବଂ ଦରଗାରେ ପ୍ରବେଶ ଏବଂ ଅଣ-ପାର୍ସି ପୁରୁଷଙ୍କ ସହ ବିବାହ କରିଥିବା ପାର୍ସି ମହିଳାମାନଙ୍କୁ ଆଗିଆରୀର ପବିତ୍ର ଅଗ୍ନିସ୍ଥଳରୁ ନିଷେଧ କରାଯିବା ପ୍ରସଙ୍ଗଗୁଡ଼ିକୁ ବୃହତର ଖଣ୍ଡପୀଠକୁ ପଠାଯାଇଥିଲା ।

ସୈତାନର ଛାଇ ହେଉଛି ବିଜେପି: ପ୍ରିୟାଙ୍କ ଖାର୍ଗେ

ବେଙ୍ଗାଲୁରୁ,୧୬।୨: କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ପ୍ରିୟାଙ୍କ ଖାର୍ଗେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ବିରୋଧରେ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଆରଏସ୍ଏସ୍ ଏକ ବଡ଼ ମନି ଲଣ୍ଡରିଂ ରାକେଟ ଚଳାଉଛି । ଏକ କାର୍ଯ୍ୟକ୍ରମରେ, ସେ ଆରଏସ୍ଏସର ପାଣ୍ଠି, ଟିକସ ପ୍ରଦାନ ଓ ଏହାର ଅଣପଞ୍ଜିକୃତ ସ୍ଥିତି ଉପରେ ତୀବ୍ର ପ୍ରଶ୍ନ ଉଠାଇ ଏହାକୁ ସମ୍ବିଧାନର ପରିସର ମଧ୍ୟରେ ଆଣିବାକୁ ଦାବି କରିଛନ୍ତି । ସେ କହିଛନ୍ତି,ଆରଏସ୍ଏସ୍ ଏକ ସୈତାନ ସଂଗଠନ, ଏବଂ ବିଜେପି ଏହାର ଛାଇ । ଆମେ ବର୍ତ୍ତମାନ ସୈତାନର ଛାଇ ସହିତ ଲଢୁଛୁ । ଯଦି ଆମେ ସୈତାନ ସହିତ ଲଢ଼ିବା, ତେବେ ଦେଶର ବିକାଶ ହେବ । ସେ କହିଛନ୍ତି ଆରଏସ୍ଏସ୍ ବିନା ବିଜେପିର ଅବସ୍ଥା ଜନତା ଦଳ (ଧର୍ମନିରପେକ୍ଷ) ଅପେକ୍ଷା ଅଧିକ ଖରାପ ହେବ । ଏହା ଏକ ଆଞ୍ଚଳିକ ଦଳଠାରୁ ମଧ୍ୟ ନିମ୍ନ ସ୍ତରକୁ ଖସିଯିବ । କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ତଥା କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ପ୍ରିୟାଙ୍କ ଖାର୍ଗେ ଆରଏସ୍ଏସର ଆର୍ଥିକ ସଂରଚନା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ ଦାବି କରିଛନ୍ତି, ଆରଏସ୍ଏସର ପ୍ରାୟ ୨,୫୦୦ ସହଯୋଗୀ ସଂଗଠନ ଅଛି । ଖାର୍ଗେଙ୍କ ଅନୁଯାୟୀ, ଏହି ସଂଗଠନଗୁଡ଼ିକ ଆମେରିକା ଓ ଇଂଲଣ୍ଡ ସମେତ ଅନ୍ୟାନ୍ୟ ଦେଶରୁ ଯଥେଷ୍ଟ ପାଣ୍ଠି ପାଆନ୍ତି, ଯାହା ବିଷୟରେ ସରକାର ସମ୍ପୂର୍ଣ୍ଣ ଅବଗତ । ସେ ଅଭିଯୋଗ କରିଛନ୍ତି, ବିଶ୍ୱସ୍ତରୀୟ ସମ୍ପର୍କ ଓ ଆର୍ଥିକ କାରବାର ପଛରେ ଏକ ବଡ଼ ମନି ଲଣ୍ଡରିଂ ରାକେଟ କାର୍ଯ୍ୟ କରୁଛି ।

ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ,୧୬।୨: ଖେଳଣା ବିକ୍ରି କ୍ଷେତ୍ରରେ ବାଧ୍ୟତାମୂଳକ ଖେଳଣା (ଗୁଣବତ୍ତା ନିୟନ୍ତ୍ରଣ) ନିର୍ଦ୍ଦେଶନାମା ୨୦୨୦ ଏବଂ ଭାରତୀୟ ମାନକ ବ୍ୟୁରୋ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଇ-କମର୍ସ କମ୍ପାନି ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛି । ସ୍ନାପଡିଲ୍ ଏହାର ପ୍ଲାଟଫର୍ମରେ ପାତରଅନ୍ତରମୂଳକ ବାଣିଜ୍ୟ ଅଭ୍ୟାସ ସହିତ ବିଆଇଏସ୍ ନିୟମ ପାଳନ କରୁ ନଥିବା ଖେଳନାର ଭ୍ରମିତ ପ୍ରଚାର କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସିସିପିଏର ମୁଖ୍ୟ କମିସନର ନିଧି ଖାରେ ଏବଂ କମିସନର ଅନୁପମ ମିଶ୍ରା ସ୍ନାପଡିଲ୍ (ଏସ୍ ଭେଣ୍ଟୁର ଲିମିଟେଡ) ବିରୋଧରେ ଏ ସଂକ୍ରାନ୍ତ ବୃତ୍ତାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ପାହାଡ଼ ଖୋଳି ପରମାଣୁ ଠିକଣା ତିଆରି କରିଛି ଚୀନ

ସାଟେଲାଇଟ୍ ଫଟୋରୁ ବଢିଲା ଟେନସନ୍

ନୂଆଦିଲ୍ଲୀ, ୧୬।୨ : ପାହାଡ଼ ଖୋଳି ପରମାଣୁ ଠିକଣା ତିଆରି କରିଛି ଚୀନ । ସାଟେଲାଇଟ୍ ଫଟୋରୁ ଭାରତର ବଢିଲା ଟେନସନ୍ । ଚୀନ ସିଚୁଆନ ପ୍ରାନ୍ତରେ ଗୁପ୍ତ ପରମାଣୁ ଅସ୍ତ୍ର ଠିକଣା ତିଆରି କରିଥିବା ନ୍ୟୁୟର୍କ ଟାଇମ୍ସ ଦାବି କରିଛି । ଜିୟୋସ୍ପେଶାଲ ଇଣ୍ଟେଲିଜେନ୍ସ ଏକ୍ସପର୍ଟସ୍ ମୁତାବକ ୨୦୧୯ ପରଠାରୁ ଚୀନ ପରମାଣୁ ଅସ୍ତ୍ର ତିଆରି କୋରଦାର୍ କରିଛି । ସିଚୁଆନରେ ଜିଟାଙ୍ଗ ଘାଟୀରେ ପାହାଡ଼ ଖୋଳି ପରମାଣୁ ଆଡ୍ଡା ତିଆରି କରିଛି । ଏଠାରେ ବଡ଼ ବଡ଼ ବଙ୍କର ତିଆରି କରାଯାଇଛି । ପାଇପ୍ ଗୁଡ଼ିକୁ ଜାଲ ଭଳି ବିଛା ଯାଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଚୀନ ତାର ଷ୍ଟ୍ରାଟେଜିକ୍ ପୋଜିସନ ଲଗାତର ମଜବୁତ କରୁଛି । ୨୦୨୪ ସୁଦ୍ଧା ଚୀନ ପାଖରେ ୫୦୦ ରୁ ଅଧିକ ପରମାଣୁ ଅସ୍ତ୍ର ଥିଲା । ୨୦୩୦ ସୁଦ୍ଧା ଡ୍ରାଗନ୍ ଏକ ହଜାର ନ୍ୟୁକ୍ଲିଆର୍ ଓ୍ୱିପନ୍ ଲକ୍ଷ୍ୟ ରଖିଛି । ଏବେ ଚୀନ ଆମେରିକା ଏବଂ ରଷ ତୁଳନାରେ ବହୁ ପଛରେ ଅଛି । ଆସନ୍ତା ୧୦ ବର୍ଷରେ ବି ଚୀନ ରଷର ବରାବର ହୋଇପାରିବ ନାହିଁ । ପରମାଣୁ ଯୁଦ୍ଧ ଆଡ଼କୁ ଏବେ ବିଶ୍ୱ ଅଗ୍ରସର ହେଉଛି । ଆମେରିକା ଏବଂ ଇରାନ ଯୁଦ୍ଧର ଦ୍ୱାରଦେଶରେ ଠିଆ ହୋଇଛନ୍ତି । ଇରାନ ଯଦି ଡିଲ୍ କରିବାକୁ ରାଜି ନହୁଏ ତେବେ ଆମେରିକା ପରମାଣୁ ଆଟାକ୍ କରିବ ବୋଲି ଧମକ ଦେଇଛି । ଖାଲି ସେତିକି ନୁହେଁ ଏହାର ପରିଣାମ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟକୁ ଭୋଗିବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ଅହମଦାବାଦ ଓ ଭଡୋଦରାର ୨୮ ସ୍କୁଲକୁ ବୋମା ଧମକ

ଅହମଦାବାଦ, ୧୬।୨: ଗୁଜରାଟର ଅହମଦାବାଦ ଓ ଭଡୋଦରାର ୨୮ ସ୍କୁଲକୁ ସୋମବାର ବୋମା ରହିଥିବା ନେଇ ଧମକ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ସଙ୍ଗେ ସଙ୍ଗେ ସ୍କୁଲଗୁଡ଼ିକୁ ଖାଲି କରି ତଲାସି ନିଆଯାଇଥିଲା । ତେବେ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିବା ପୁଲିସ ପକ୍ଷରୁ କୁହାଯାଇଛି । ଅହମଦାବାଦର ୧୫ରୁ ଅଧିକ ସ୍କୁଲକୁ ବୋମା ଧମକ ଇମେଲ ଆସିଥିଲା ବୋଲି ଜିଲ୍ଲା ଶିକ୍ଷାଧିକାରୀ ରୋହିତ ଚୌଧୁରୀ କହିଛନ୍ତି । ସ୍କୁଲଗୁଡ଼ିକୁ ନିକଟସ୍ଥ ପୋଲିସ ଷ୍ଟେସନକୁ ତୁରନ୍ତ ସୂଚନା ଦେବା ସହିତ ସୁରକ୍ଷା ପ୍ରୋଟକଲ ଅନୁସରଣ କରିବାକୁ କୁହାଯାଇଥିଲା । ଭଡୋଦରା ପୋଲିସ କମିସନର୍ ନରସିମା କୋମାର କହିଛନ୍ତି, ୧୩ଟି ସ୍କୁଲରୁ ବୋମା ଧମକ ଥିବା ଇମେଲ ଆସିବା ନେଇ ସୂଚନା ମିଳିଥିଲା । ତୁରନ୍ତ ସ୍ଥାନୀୟ ପୁଲିସ, ଏସ୍ଓଜି, କ୍ରାଇମ ବ୍ରାଞ୍ଚ ଓ ବୋମା ନିଷ୍କ୍ରିୟ ଦଳ ସ୍କୁଲଗୁଡ଼ିକରେ ପହଞ୍ଚି ତଲାସି କରିଥିଲେ । ଭାରତକୁ ଖଲିସ୍ତାନରେ ପରିଣତ କରିବାକୁ ଏଥିରେ ଧମକ ଦିଆଯାଇଛି । ଜାନୁଆରି ୨୬ ପୂର୍ବରୁ ଅହମଦାବାଦର ଅନେକ ସ୍କୁଲକୁ ଏପରି ଧମକ ମିଳିଥିଲା ବୋଲି ସିଟି କ୍ରାଇମ ବ୍ରାଞ୍ଚ ପକ୍ଷରୁ କୁହାଯାଇଛି । ସୋମବାର ଝଣ୍ଡେଶ୍ୱାଲାନର ବିଟି ତାମିଲ ସ୍କୁଲ, ସର୍ଦ୍ଦାର ପଟେଲ ବିଦ୍ୟାଳୟ ଏବଂ ବ୍ରିଟିଶ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ ଆସିଥିଲା । ପୁଲିସ କହିଛି ଯେ, ସକାଳ ପ୍ରାୟ ୯ଟା ୧୨ ମିନିଟ ସମୟରେ ତିନୋଟି ସ୍କୁଲରୁ ବୋମା ଧମକ ବିଷୟରେ ଫୋନ୍ ଆସିଥିଲା । ପରେ ଅନ୍ୟ ସ୍କୁଲ ସମାନ ବୋମା ଧମକ ଥିବା ଇମେଲ୍ ଆସିବା ସମ୍ପର୍କରେ ପୁଲିସକୁ ଜଣାଇଥିଲେ । ଏହାପୂର୍ବରୁ ଦିଲ୍ଲୀର ୧୩ ସ୍କୁଲ ଓ ସଂସଦକୁ ବୋମାରେ ଉଡ଼େଇ ଦେବାକୁ ଧମକ ମିଳିଥିଲା ।

ପଶ୍ଚିମବଙ୍ଗର ୭ ଅଧିକାରୀଙ୍କୁ ନିଲମ୍ବିତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ,୧୬।୨: ଭାରତୀୟ ନିର୍ବାଚନ କମିଶନ ପଶ୍ଚିମବଙ୍ଗର ସାତ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ଏହି ଅଧିକାରୀଙ୍କ ବିର

ରେଷ୍ଟୁରାଣ୍ଟରେ ନିଆଁ: ସଟ ସର୍କିଟରୁ ଅଗ୍ନିକାଣ୍ଡ ସନ୍ଦେହ



କଟକ(ନିପ୍ର): ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କରୋଡ଼ ସ୍ଥିତ ଏକ ରେଷ୍ଟୁରାଣ୍ଟରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକେ ସଂଗେ ସଂଗେ ଅଗ୍ନିଶମ ବିଭାଗକୁ ଏ ବିଷୟରେ ଖବର ଦେଇଥିଲେ । ଖବର ପାଇ ଚାଉଳିଆଗଂଜ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ତେବେ ଅଗ୍ନିକାଣ୍ଡ ଯୋଗୁ ବିଶେଷ କ୍ଷୟକ୍ଷତି ଘଟିନଥିବା ଜଣାପଡ଼ିଛି । ସଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ରେଷ୍ଟୁରାଣ୍ଟରେ ଅଗ୍ନି ନିରାପତ୍ତା ଏସଓପି ପାଳନ କରାଯାଇଥିଲା କି ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି ।

କିନ୍ନର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗଲା ଜେଲ୍



ପିପିଲି(ନିପ୍ର): ସିଫା ନିକଟରେ କିନ୍ନର ହତ୍ୟାକାଣ୍ଡର ମୁଖ୍ୟ ହତ୍ୟାକାରୀ କ୍ରିଷ୍ଣା କାଣ୍ଡିକୁ ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ସୋମବାର ପିପିଲି ଜୁଡ଼ିସିଆଲ କୋର୍ଟକୁ ପଠାଇଥିଲେ । ତାଙ୍କ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଜେଲକୁ ପଠାଯାଇଛି । ଏହା ପୂର୍ବରୁ ଅନ୍ୟ ଜଣେ ହତ୍ୟାକାରୀ ଗିରଫ ହୋଇଥିବା ବେଳେ ଆଉ ଜଣେ ଫେରାର ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ପିପିଲି ପୋଲିସ । କ୍ରିଷ୍ଣା ଗିରଫ ହେବା ପରେ ତା ନାମରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମାମଲା ବିଭିନ୍ନ ଥାନାରେ ରହିଥିବା ଜଣାଯାଇଛି ।

କାଶୀପୁର ବ୍ଲକଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା(ନିପ୍ର): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି.ସରୋଜିନୀ ଦେବୀ, ସମିତି ଅଧ୍ୟକ୍ଷ, କଣ୍ଡ ମାଝି ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ମୋଟ ୧୫୩ଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୭୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୭୮ ଗୋଟି ଗ୍ରାମବାସୀମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ମହିଳାଙ୍କୁ ଆକ୍ରମଣ କରି ଦୁଇ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ସୋମବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ସ୍ଥାନୀୟ ଥାନା ଅନ୍ତର୍ଗତ ଗଣ୍ଡତରପୁର ମଝିସାହିର ରାକେଶ ପଡ଼ିହାରୀ ଓରଫ ରାଜା (୩୦) ଓ ସୁମନ ପଡ଼ିଆରୀ ଓରଫ ଜିତୁ (୨୧) । ଏନେଇ ସୌରି ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ରବିବାର ରାତି ପ୍ରାୟ ୮ଟାସମୟରେ ଅଭିଯୋଗକାରିଣୀ ସୌରୀ ଦାସଙ୍କ ପୁଅ ଲୋକନାଥ ଦାସ ଦୁଇ ଅଭିଯୁକ୍ତଙ୍କ ସହ ମିଶି ବାରଙ୍ଗ ବଜାରକୁ ଯାଇଥିଲେ ଏବଂ ୪୦ରୁ ୪୫ ମିନିଟ୍ ପରେ ସେମାନେ ସେଠାରୁ କେନ୍ଦୁପାଟଣା ବଜାରକୁ ଯାଇଥିଲେ । କୌଣସି କାରଣକୁ ନେଇ ଲୋକନାଥ ଦାସ ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ଉଭୟ ପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା । ତା'ପରେ ଲୋକନାଥ ଦାସ ତାଙ୍କ ଘରକୁ ଫେରି ଆସିଥିଲେ । କିଛି ସମୟ ପରେ ଅଭିଯୁକ୍ତ ରାକେଶ ପଡ଼ିଆରୀ ଓରଫ୍ ରାଜା ଓ ଜିତୁ ଓରଫ୍ ସୁମନ ପଡ଼ିଆରୀ ଅଭିଯୋଗକାରିଣୀ ସୌରୀ ଦାସଙ୍କ ଘରକୁ ଆସିଥିଲେ ଏବଂ ପୁଅ ଲୋକନାଥ ଦାସଙ୍କ ସହିତ ଯୁକ୍ତିତର୍କ କରିବାକୁ ଲାଗିଥିଲେ । ସେହି ସମୟରେ ଅଭିଯୋଗକାରିଣୀ ଘର ଭିତରେ ଶୋଇଥିଲେ । ଜୋରଦାର ଶବ୍ଦ ଏବଂ କୋଳାହଳ ଶୁଣି ସେ କୋଠରୀରୁ ବାହାରକୁ ଯାଇ ମାମଲାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ସହ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ଆରମ୍ଭ କଲେ ଏବଂ ତାଙ୍କୁ ଶାରୀରିକ ଆକ୍ରମଣ କରିଥିଲେ । ଆକ୍ରମଣ ଯୋଗୁଁ, ଅଭିଯୋଗକାରିଣୀ ତଳେ ପଡ଼ିଯିବା ସହ ତାଙ୍କ ପାଟିରେ ଆଘାତ ଲାଗିଲା ଏବଂ ତାଙ୍କ କପାଳ ଫୁଲି ଯାଇଥିଲା । ସୂଚନା ପାଇ ଘଟଣା ସ୍ଥଳରେ ପିସିଆର ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କିମ୍ସ ହସ୍ପିଟାଲକୁ ନେଇଥିଲେ । ଚିକିତ୍ସା ପରେ, ଅଭିଯୋଗକାରିଣୀ ସୌରୀ ଦାସ ତାଙ୍କ ସମ୍ପର୍କୀୟଙ୍କ ସହିତ ଥାନାକୁ ଆସି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ ।

ଘଣ୍ଟା କମ୍ପାନୀର ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ: ସେଲ୍ସ ଅଫିସର ଗିରଫ

ଭୁବନେଶ୍ୱର(ନିପ୍ର): ଏକ ବ୍ରାଣ୍ଡେଡ ଘଣ୍ଟା କମ୍ପାନୀ ଜାଲ୍ କାଗଜପତ୍ର କରି ଡିଲରମାନଙ୍କୁ ଘଣ୍ଟା ସପ୍ଲାଏ କରିବା ଏବଂ ଏହା ଦ୍ୱାରା କମ୍ପାନୀର ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହେବା ମାମଲାର ତଦନ୍ତ କରି ମଞ୍ଚେଶ୍ୱର ଥାନା ପୋଲିସ ସୋମବାର ଜଣଙ୍କ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି କମ୍ପାନୀର ସେଲ୍ସ ଅଫିସର ସମିତ ରାୟ । ଏନେଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସାନ୍ତୁନ କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମ୍ୟାକ୍ସ ଇଣ୍ଟରନ୍ୟାଶନାଲ୍ ହେଉଛି ଟାଇଟାନ୍ ୱାଚ୍ କମ୍ପାନୀର ଓଡିଶା ରାଜ୍ୟ ପାଇଁ ଅନୁମୋଦିତ ବିତରକ । ଉକ୍ତ କମ୍ପାନୀ ଦକ୍ଷିଣ ଓଡିଶାରେ ବ୍ରାଣ୍ଡେଡ୍ ହାତଘଡ଼ି ବିକ୍ରୟ ଓ ବିତରଣ ଦେଖାଶୁଣା ପାଇଁ ଅଭିଯୁକ୍ତ ସମିତ ରାୟଙ୍କୁ ସେଲ୍ସ ଅଫିସର୍ ଭାବେ ନିଯୁକ୍ତ କରିଥିଲା । ନିଯୁକ୍ତି ନିୟମ ଅନୁସାରେ ତାଙ୍କୁ ଷ୍ଟକ୍?ର ଦାୟିତ୍ୱ ଓ ନିୟନ୍ତ୍ରଣ ଦିଆଯାଇଥିଲା ଏବଂ କେବଳ କମ୍ପାନୀ କାର୍ଯ୍ୟାଳୟରୁ ଜାରି ହୋଇଥିବା ବୈଧ ଚାଲାନ୍ ବିରୁଦ୍ଧରେ ଡିଲର ମାନଙ୍କୁ ଘଡ଼ି ଯୋଗାଣ କରିବାକୁ ଅନୁମତି ଥିଲା । ପୂର୍ବରୁ ସେ ଠିକ୍ ଦଲିଲପତ୍ର ସହିତ ଷ୍ଟକ୍ ଗ୍ରହଣ କରୁଥିଲେ । କିନ୍ତୁ ଚଳିତ ବର୍ଷରେ ବହୁ ପରିମାଣରେ ବ୍ରାଣ୍ଡେଡ୍ ହାତଘଡ଼ି ଗ୍ରହଣ କରିବା ପରେ ସେ ସତ୍ୟନିଷ୍ଠା ରଖିବାରେ ବିଫଳ ହୋଇଥିଲେ । ସେ ବୈଧ କମ୍ପାନୀ ଚାଲାନ୍ ବିନା ଅନୁମୋଦିତ ଡିଲର ମାନଙ୍କୁ ଘଡ଼ି ଯୋଗାଣ କରିନଥିଲେ । ପରବର୍ତ୍ତୀ ତଦନ୍ତରେ ଜଣାପଡ଼ିଲା ଯେ, ସେ ନକଲି ଓ ନିଜେ ପ୍ରସ୍ତୁତ କରିଥିବା ଚାଲାନ୍ ବ୍ୟବହାର କରୁଥିଲେ ଏବଂ କମ୍ପାନୀର ଅନୁମତି ବିନା ଅନଧିକୃତ ଡିଲର ମାନଙ୍କୁ ଘଡ଼ି ବିକ୍ରୟ କରୁଥିଲେ । ଏହି ଅନଧିକୃତ ବିକ୍ରୟରୁ ସେ ଟଙ୍କା ଗ୍ରହଣ କରି ନିଜ ସ୍ୱାର୍ଥ ପାଇଁ ଅତ୍ମସାତ୍ କରିଥିଲେ, ଯାହା ଫଳରେ କମ୍ପାନୀକୁ ଆର୍ଥିକ କ୍ଷତି ହୋଇଥିଲା । ସମ୍ପୃକ୍ତ ଡିଲର ମାନଙ୍କ ସହ ଯୋଗାଯୋଗ କରିବା ପରେ ଜଣାପଡ଼ିଲା ଯେ, କମ୍ପାନୀର ମୋଟ ୫୧ ଲକ୍ଷ ୪୬ ହଜାର ଏକ ଶହ ୩୨ ଟଙ୍କା କ୍ଷତି ହୋଇଛି । କମ୍ପାନୀ ଡିଲରମାନଙ୍କୁ ଟଙ୍କା ଦାବି କରିବା ପରେ ସେମାନେ ଦେବାକୁ ଅସ୍ୱୀକାର କରି କହିଥିଲେ ଯେ, ଅଭିଯୁକ୍ତ ଦେଇଥିବା ବିଲ୍‌ଗୁଡ଼ିକ ଭୁଲ ଏବଂ ଜାଲିଆତି ଥିଲା । ଅଭିଯୁକ୍ତ ଜଣେ ବିଶ୍ୱସ୍ତ କର୍ମଚାରୀ ହୋଇଥିଲେ ମଧ୍ୟ କମ୍ପାନୀର ସମ୍ପତ୍ତିକୁ ଅସତ୍ ଉଦ୍ଦେଶ୍ୟରେ ଅତ୍ମସାତ୍ କରି ଅପରାଧିକ ଭରସା ଭଙ୍ଗ ଓ ଠକେଇ ଅପରାଧ କରିଥିଲେ ।

ଧାର ଟଙ୍କାରୁ ଯୁବକଙ୍କୁ ଅପହରଣ, ମହିଳା ଗିରଫ

ଭୁବନେଶ୍ୱର(ନିପ୍ର): ଧାର ଟଙ୍କାରୁ ଜଣେ ଯୁବକଙ୍କୁ ଅପହରଣ କରିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ସୋମବାର ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳାଙ୍କ ନାମ ଗୀତାଞ୍ଜଳି କାହାଳି ଓ ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲାରେ ବୋଲି ଜଣାପଡିଛି । ଏନେଇ ନିଖୋଜ ଯୁବକଙ୍କ ବାପା ଡ଼ରୈଲୋକ୍ୟନାଥ ବାରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଶାନ୍ତିପଲ୍ଲୀ ବସ୍ତି,ପ୍ଲଟ ନଂ-୨୦୬ରେ ପ୍ରାୟ ୩୦ ବର୍ଷ ହେବ ରହି ଆସୁଛନ୍ତି । ତାଙ୍କ ପୁଅ ସିଦ୍ଧାର୍ଥ ବାରିକ ଓରଫ ମୁନା ତାଙ୍କ ସହିତ ରୁହନ୍ତି । ପୂର୍ବରୁ ତାଙ୍କ ପୁଅ ବିବାହ କରିଥିଲେ ମଧ୍ୟ ଦାମ୍ପତ୍ୟ କଳହ ହେତୁ ତାଙ୍କ ପତ୍ନୀ ଘର ଛାଡ଼ି ଯାଇଥିଲେ । ଗତ ମେ-୨୦୨୪ ରେ ମଞ୍ଚ ?ଶ୍ୱର ଥାନା ଅନ୍ତର୍ଗତ ମଣିନାଗେଶ୍ୱର ବସ୍ତିର ଗୀତାଞ୍ଜଳି କାହାଳି ଓରଫ ଡଲିଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢିବା ପରେ ଉଭୟ ପ୍ରାୟ ସମୟ ଏକାଠି ରହୁଥିଲେ । ୨୦୨୪ ମସିହା ମେ ୩ ତାରିଖରେ ତାଙ୍କ ପୁଅ ଗୀତାଞ୍ଜଳି କାହାଳିଙ୍କୁ ବ୍ୟବସାୟ କରିବା ପାଇଁ ୩୫ ହଜାର ଟଙ୍କା ଧାର ସୂତ୍ରରେ ଦେଇଥିଲେ । ସେ ସମୟରେ ମହିଳାଙ୍କ ସ୍ୱାମୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ଏବଂ ଆସନ୍ତା ୪ ମାସ ମଧ୍ୟରେ ଟଙ୍କା ଫେରେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମୟ ସମାପ୍ତ ହେବା ପରେ ତାଙ୍କ ପୁଅ ଟଙ୍କା ଫେରାଇବା ଲାଗି ସମ୍ପୃକ୍ତ ମହିଳାଙ୍କୁ ଅନୁରୋଧ କରିଥିଲେ ମଧ୍ୟ, ସେ ବିଭିନ୍ନ କାରଣ ଦର୍ଶାଇ ଦିନପରେ ଦିନ ଗଡାଇ ଚାଲିଥିଲେ । ୨୦୨୪ ସେପ୍ଟେମ୍ବର ୮ ତାରିଖରେ ତାଙ୍କ ପୁଅ ଯେତେବେଳେ, ପୁନର୍ବାର ଟଙ୍କା ଫେରାଇବା ଲାଗି କହିଥିଲେ, ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ସେହି ସମୟରେ ଗୀତାଞ୍ଜଳି କାହାଳି ଓରଫ ଡଲି ଓ ତାଙ୍କ ସ୍ୱାମୀ ରମାକାନ୍ତ କାହାଳି ତାଙ୍କ ପୁଅକୁ ଜୀବନରୁ ଶେଷ କରିବାର ଧମକ ଦେଇଥିଲେ । ସେମାନେ ସ୍ଥାନୀୟ ଲୋକଙ୍କ ସମୁଖରେ ପୁଅକୁ ମାଡ଼ ମଧ୍ୟ ମାରିଥିଲେ । ନଭେମ୍ବର ମାସରେ ଗୀତାଞ୍ଜଳି କାହାଳି ଟଙ୍କା ବିଷୟରେ ଅପୋଷ ସମାଧାନ କରିବା ପାଇଁ ତାଙ୍କ ପୁଅକୁ ତାଙ୍କ ଘରକୁ ଡାକିଥିଲେ । ଫୋନ୍ ପାଇ ପୁଅ ସେଠାକୁ ଯାଇଥିଲେ ମଧ୍ୟ ଘରକୁ ଆଉ ଫେରି ନଥିଲେ । ରାତି ପ୍ରାୟ ୯ଟା ସମୟରେ ତାଙ୍କ ପୁଅ ଫୋନ୍ କରି କହିଥିଲେ- "ବାପା ମୋତେ ବଞ୍ଚାନ୍ତୁ । ଗୀତାଞ୍ଜଳି କାହାଳି, ତାଙ୍କ ସ୍ୱାମୀ ଓ ପୁଅ ମୋତେ ଘରେ ବାନ୍ଧି ରଖିଛନ୍ତି । ମୋ ଶରୀରରେ ଗଭୀର ଆଘାତ ମଧ୍ୟ ଲାଗିଛି । ସେମାନେ ମୋତେ ମାରିଦେବାକୁ ଚେଷ୍ଟା କରୁଛନ୍ତି ଏବଂ କହୁଛନ୍ତି କାଲି ସକାଳେ ମୋ ମୁଣ୍ଡ କାଟି ଜଙ୍ଗଲରେ ଫିଙ୍ଗି ଦେବେ ।"ଏହା ପରେ ତାଙ୍କର ଫୋନ୍ ବନ୍ଦ ହୋଇଯାଇଥିଲା ଏବଂ ତାଙ୍କର ଏପର୍ଯ୍ୟନ୍ତ କୌଣସି ସୁରାକ ମଧ୍ୟ ମିଳୁନି । ଅଭିଯୋଗକାରୀଙ୍କ ଦୃଢ଼ ସନ୍ଦେହ ଯେ ଗୀତାଞ୍ଜଳି କାହାଳି ଓରଫ ଡଲି, ତାଙ୍କ ସ୍ୱାମୀ ରମାକାନ୍ତ କାହାଳି ଓ ପୁଅ ମିଶି ତାଙ୍କ ପୁଅକୁ ଅପହରଣ କରି ଅଟକ ରଖିଛନ୍ତି କିମ୍ବା ହତ୍ୟା କରିଛନ୍ତି । ଏହି ଘଟଣାକୁ କେନ୍ଦ୍ରକରି ଅଭିଯୁକ୍ତ ମାନଙ୍କ ବିରୋଧରେ କଡ଼ା କାର୍ଯ୍ୟନୁଷ୍ଠାନ ନେବା ଲାଗି ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ଗୀତାଞ୍ଜଳି କାହାଳି ଓରଫ ଡଲିଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି।

କଟକରେ ଜଣ୍ଡିସ ଆତଙ୍କ

ମାନସିଂହ ପାଟଣା ଓ ମସ୍ତରାମ ମଠ ଅଞ୍ଚଳରେ ୩୦ରୁ ଅଧିକ ଆକ୍ରାନ୍ତ

କଟକ(ନିପ୍ର): ସଂପ୍ରତି କଟକରେ ଜଣ୍ଡିସ ଆତଙ୍କ ଦେଖାଦେଇଛି । କଟକ ମହାନଗର ନିଗମ ଅନ୍ତର୍ଗତ ୧୦ନଂ ୱାର୍ଡ଼ ସ୍ଥିତ ମାନସିଂହପାଟଣା ଓ ୧୧ନଂ ୱାର୍ଡ଼ ସ୍ଥିତ ମସ୍ତରାମ ମଠ ଅଂଚଳରେ ଘରେ ଘରେ ଜଣ୍ଡିସ ରୋଗ ବ୍ୟାପୁଥିବାର ଖବର ମିଳିଛି । ପ୍ରାୟ ୩୦ ରୁ ଅଧିକ ବ୍ୟକ୍ତି ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଦୂଷିତ ପାଣି ପାଇଁ ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି । ୱାଟକୋ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣ୍ଡିସ ବ୍ୟାପୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଂଚଳରେ ନଳକୂପ ଥିଲେ ବି ତାହାର ବିଶୋଧନ କରାଯାଉନଥିବା ଲୋକେ ଅଭିଯୋଗ କରିଛନ୍ତି । ଖବର ପ୍ରଚାର ହେବା ପରେ ସିଏମସି ଅଧିକାରୀ ଓ କର୍ମଚାରୀ ସୋମବାର ସ୍ଥାନୀୟ ଅଂଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ୱାଟକୋ ସହ ମିଶି ସିଏମସି ସ୍ଥାନୀୟ ଅଂଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ମେୟର ସୁବାସ ସିଂହ ସୂଚନା ଦେଇଛନ୍ତି ।

ବ୍ରାଉନସୁଗାର ବିକ୍ରି କରି ମହିଳା ଗିରଫ

ଭୁବନେଶ୍ୱର(ନିପ୍ର): ବ୍ରାଉନସୁଗର ବିକ୍ରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସୋମବାର ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳାଙ୍କ ନାମ ସୁମିତ୍ରା ନାୟକ ଓରଫ ରମି ଓ ସୁମି (୪୧) । ଗିରଫ ମହିଳାଙ୍କ ଘର ତାରିଣୀ ମାର୍କେଟର ଲେନ ୩ରେ ବୋଲି ଜଣାପଡିଛି । ପୂର୍ବରୁ ଏହି ମାମଲାରେ ପୋଲିସ ଗତ ୧୪ ତାରିଖ ରାତିରେ ଜିଏ କଲୋନୀସ୍ଥିତ ନେଚ୍‌ର ପାର୍କ ପଛ ପାଖରେ ଥିବା ଏକ ନିଛାଟିଆ ସ୍ଥାନରେ ଅତର୍କିତ ଚଢଉ କରି ବେଆଇନ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ଦୁଇ ଅଭିଯୁକ୍ତ କାର୍ତ୍ତିକ ଦାସ ଏବଂ ଅଭିଯୁକ୍ତ ଲକ୍ଷ୍ମୀ ଦାସଙ୍କୁ କାବୁ କରିଥିଲା । ଉଭୟଙ୍କ ଠାରୁ ପୋଲିସ ମୋଟ ୧୨.୯୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା । ଉଭୟ ଅଭିଯୁକ୍ତଙ୍କ ଠାରୁ ପୋଲିସ ଟଙ୍କା ଓ ବାଇକ ମଧ୍ୟ ଜବତ କରିଥିଲା । ପଚରାଉଚରା ବେଳେ, ଅଭିଯୁକ୍ତ ଦୁହେଁ ଏହି ବ୍ରାଉନସୁଗର ବ୍ୟବସାୟ ଗତ କିଛିଦିନ ହେବ ନିୟମିତ ଭାବେ କରିଆସୁଥିବା ବେଳେ, ଭରତପୁର ଅଞ୍ଚଳର ରମି ନାମକ ଜଣେ ମହିଳାଙ୍କ ନିକଟରୁ ସଂଗ୍ରହ କରି ଆଣୁଥିବା ପ୍ରକାଶ କରିଥିଲେ । ଏହି ସୂଚନା ଆଧାରରେ ପୋଲିସ ରମିଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଷରେ ତାଙ୍କୁ ମଧ୍ୟ ଗିରଫ କରିଥିଲା । ଏହି ମାମଲାରେ ପୋଲିସ ପୂର୍ବରୁ ଏକ ବେଆଇନ ବ୍ରାଉନସୁଗର ବିକ୍ରି ଜନିତ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେହିଦିନ ହିଁ କୋର୍ଟଚାଲାଣ କରିଥିଲେ । ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ, ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ସୁମିତ୍ରା ନାୟକ ଓରଫ ରମି ଓରଫ ସୁମିଙ୍କୁ ତାଙ୍କ ଘର ନିକଟରୁ ସୋମବାର କାବୁ କରି କୋର୍ଟଚାଲାଣ କରି ଥିବା ବେଳେ, ତାଙ୍କ ହେପାଜତରୁ ୭ ହଜାର ଶହେ ଟଙ୍କା ଜବତ କରିଛି । ପଚରାଉଚରା ବେଳେ, ପୂର୍ବରୁ କୋର୍ଟ ଚାଲାଣ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ସେ ବ୍ରାଉନସୁଗର ଯୋଗାଇ ଆସୁଥିବା ସ୍ୱୀକାର କରିଥିଲେ ।

ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ଭାପୁର(ନିପ୍ର): ଭାପୁର ସଦର ମହକୁମାସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଗଳିରେ ବାସ କରୁଥିବା ଜୈନିକା ମହିଳା ପାରିବାରିକ କଳହକୁ ନେଇ ସୋମବାର ସନ୍ଧ୍ୟାରେ ବିଷପାନକରି ଆତ୍ମହତ୍ୟା କରିଛନ୍ତି । ଉଲେଖଯୋଗ୍ୟ, ତାଙ୍କ ସ୍ୱାମୀ ଏକା ବେହେରା ଦଶବର୍ଷ ତଳେ ସର୍ପ ଦଂଶନରେ ମୃତ୍ୟୁ ବରଣ କରିଥିବାବେଳେ ସ୍ତ୍ରୀ ମେଘା ବେହେରା(୪୮)ଦୁଇ ପୁଅ ବୋହୂଙ୍କ ପାଖରେ ରହୁଥିଲେ । ସୋମବାର ଶାଶୁ ବୋହୂ ପାରିବାରିକ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହେବାପରେ ମେଘା ବିଷ ଖାଇଦେଇଥିଲେ । ଫଳରେ ପରିବାର ତରଫରୁ ମେଘାଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରି ଭାପୁର ଆଉଟ ପୋଷ୍ଟକୁ ଖବର ଦେଇଥିଲେ । ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡିଛି ।

୩୮ ଅଭିଯୋଗର ଶୁଣାଣି କଲେ ଉପଜିଲ୍ଲାପାଳ

କୁ

■ ସୁନା ମୂଲ୍ୟ ସାମାନ୍ୟ ହ୍ରାସ

ଚାନ୍ଦି ୭ହଜାର ଖସିଲା

ନୂଆଦିଲ୍ଲୀ, ୧୬/୨(ନିପ୍ର): ଦେଶୀୟ ସୁନାରୁପା ବଜାରରେ ଆଜି ଦିନର ପ୍ରଥମ ପର୍ଯ୍ୟାୟ ବ୍ୟାପାର ସମୟରେ ସୁନାର ଦରରେ ସାଙ୍କେତିକ କମିବା ଦେଖିବାକୁ ମିଳିଛି, ଯେତେବେଳେକି ରୁପାର ଦରରେ ପ୍ରତି କିଲୋଗ୍ରାମରେ ସାତ ହଜାର ଟଙ୍କା ପର୍ଯ୍ୟନ୍ତ ପତନ ରେକର୍ଡ ହୋଇଛି । ସୁନାର ଦରରେ ସୁନା କମିବା ସତ୍ତ୍ୱେ, ଦେଶର ଅଧିକାଂଶ ସୁନାରୁପା ବଜାରରେ ୨୪ କ୍ୟାରେଟ ସୁନା ଆଜି ମଧ୍ୟ ପ୍ରତି ୧୦ ଗ୍ରାମ ୧,୫୭,୭୪୦ ଟଙ୍କାରୁ ୧,୫୭,୮୯୦ ଟଙ୍କା ମଧ୍ୟରେ ବ୍ୟାପାର ହେଉଛି । ସେହିପରି ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୧,୪୪,୫୯୦ ଟଙ୍କାରୁ ୧,୪୪,୭୪୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ରୁପାର ଦରରେ ଦୁର୍ବଳତା ଆସିବାରୁ ଏହି ଧାତୁ ଦିଲ୍ଲୀ ସୁନା ରୁପା ବଜାରରେ ଆଜି ପ୍ରତି କିଲୋଗ୍ରାମ ୨,୬୮,୦୦୦ ଟଙ୍କାରେ ବିକ୍ରି ହେଉଛି । ଦିଲ୍ଲୀରେ ଆଜି ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୧,୫୭,୮୯୦ ଟଙ୍କାରେ ବ୍ୟାପାର ହେଉଛି, ଯେତେବେଳେକି ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ୧,୪୪,୭୪୦ ଟଙ୍କା ରେକର୍ଡ ହୋଇଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୧,୫୭,୭୪୦ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୧,୪୪,୫୯୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ଅହମଦାବାଦରେ ୨୪ କ୍ୟାରେଟ ସୁନାର କ୍ଷୁଦ୍ର ଦର ପ୍ରତି ୧୦ ଗ୍ରାମ ୧,୫୭,୭୯୦ ଟଙ୍କା ଏବଂ ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ୧,୪୪,୬୪୦ ଟଙ୍କା ରେକର୍ଡ ହୋଇଛି ।

■ ସାର୍ଥକ ନିଖୋଜ ଘଟଣା

ପରିବାର ଲୋକଙ୍କୁ ମିଳିଲାନି ସହଯୋଗ

ଭୁବନେଶ୍ୱର, ୧୬/୨(ନିପ୍ର): ସାର୍ଥକ ନିଖୋଜ ଘଟଣା, ପରିବାର ଲୋକଙ୍କୁ ମିଳିଲାନି ସିଙ୍ଗାପୁର ସରକାରଙ୍କ ସହଯୋଗ । ସାର୍ଥକଙ୍କ ମାଆ ଓମାମୁଁ ସିଙ୍ଗାପୁରରେ ପହଁଚିଲା ପରେ ଜାହାଜଭିତରକୁ ଯିବାକୁ ସୁଯୋଗ ମିଳିଥିଲା । କେବଳ ସାର୍ଥକଙ୍କ ଚାମର ବୁଲି ଦେଖିବାକୁ ସେମାନଙ୍କୁସୁଯୋଗ ଦିଆଯାଇଥିଲା । ଜାହାଜର ଆଇନଜୀବୀମାନେ ତାଙ୍କୁ ସମସ୍ତ କ୍ଷେତ୍ରରେ ବାରଣ କରିଥିଲେ । ଭାରତ ଜାହାଜ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ତାଙ୍କୁ ସହଯୋଗ ମିଳିଛି । ଡ୍ରଗ୍ସ ଓ ସାଇଣ୍ଟିଫିକ ଟିମ ତଦନ୍ତ ଏପର୍ଯ୍ୟନ୍ତ ହୋଇପାରିନଥିବା ପରିବାର ଲୋକେ କହିଛନ୍ତି । ଅନ୍ୟପଟେ ସିଙ୍ଗାପୁର ହାଇକମିଶନରଙ୍କ ସହ ବୈଠକ ବସିଛି । ସିଙ୍ଗାପୁର ହାଇ କମିଶନରଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ସାର୍ଥକଙ୍କ ମା' ଓ ମାମୁଁ । କମିଶନର ଅଫିସର ବରିଷ୍ଠ ଅଧିକାରୀଙ୍କସହ ଆଲୋଚନା ହୋଇଛି । ଗତକାଲି ଜାହାଜ କର୍ତ୍ତୃପକ୍ଷଙ୍କ ଅସହଯୋଗ ଓ ଠିକ୍ ଭାବେ ହୋଇନଥିବା ତଦନ୍ତ ବିଷୟରେ କହୁଛନ୍ତି ସାର୍ଥକଙ୍କ ପରିବାର ଲୋକ ।

ରାଜ୍ୟରେ ବଢୁଛି ତାପମାତ୍ରା

ଭୁବନେଶ୍ୱର,୧୬।୨(ନିପ୍ର): ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି । ରାତିରେ ଶୀତ, ଭୋର ସମୟରେ କୁହୁଡି ଓ ଦିନରେ ଖରାତାତି ଅନୁଭୂତ ହେଉଛି । ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଥିବାବେଳେ କିଛି ସ୍ଥାନରେ ଦିନ ତାପମାତ୍ରାରେ ପ୍ରାୟ ୨ରୁ ୪ ଡିଗ୍ରୀ ବଢ଼ିଛି । ଗତ ୨୪ଘଣ୍ଟାରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିଲା । ସେହିପରି ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଏବଂ ସର୍ବାଧିକ ତାପମାତ୍ରା ଝାରସୁଗୁଡାରେ ୩୬ ଡିଗ୍ରୀ ରେକର୍ଡ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ପ୍ରାୟ ୩ ଡିଗ୍ରୀ କମ୍ ରହିଛି । ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ କମ୍ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଥିଲା । ତେବେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ ଏବଂ ବାଲେଶ୍ୱର ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବ ବୋଲି ସୂଚନା ଦିଆଯାଇଛି ।

ହୋଟେଲ ମାଲିକଙ୍କୁ ହତ୍ୟା ସନ୍ଦେହ

ସୋର,୧୬/୨(ନିପ୍ର): ହୋଟେଲ୍ ମାଲିକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି । ଶୋଇଥିବା ବେଳେ ହୋଟେଲ ମାଲିକଙ୍କୁ କେହି ଦୁର୍ବୃତ୍ତ ମାରିଦେଇଛନ୍ତି । ଏଭଳି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ସିମୁଳିଆ ଥାନା ଅଞ୍ଚଳରୁ । ଜୟ ମା' ଦୁର୍ଗା ହୋଟେଲ ମାଲିକ ଗଜେନ୍ଦ୍ର ପଣ୍ଡାଙ୍କ ମୃତଦେହ ଉଦ୍ଧାର ହୋଇଛି । ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକଙ୍କ ସୂଚନ ଅନୁଯାୟୀ, ଗତକାଲି ମହାଶିବରାତ୍ରି ଥିବାରୁ ହୋଟେଲ୍ ସନ୍ଧ୍ୟା ୭ଟା ଯାଏ ଚାଲିଥିଲା । ରୋଷେୟା କାମ ସାରି ଘରକୁ ଫେରିଯାଇଥିଲା । ହେଲେ ହୋଟେଲ୍‌ରେ ବାସନ ମଜା ମଜି କରୁଥିବା ପିଲା ଓ ମାଲିକ ଖାଇପିଇ ଶୋଇପଡ଼ିଥିଲେ । ସବୁ ଦିନ ପରି ସକାଳୁ ବାସନ ମାଜୁଥିବା ପିଲା ହୋଟେଲ୍ ଝାଡୁ କରିଥିଲେ । ପରେ ଯେତେ ବେଳେ ମାଲିକଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲା ସେତେ ବେଳେ ଗଜେନ୍ଦ୍ର ଉଠିନଥିଲେ । ଏନେଇ ସେ ସିମୁଳିଆ ପୁଲିସ ସୂଚନା ଦେଇଥିଲା । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ ହୋଟେଲ ମାଲିକଙ୍କ ଭାଇ ସୁରେନ୍ଦ୍ର ପଣ୍ଡା ହତ୍ୟା ଅଭିଯୋଗ ଆଣିଛନ୍ତି । ତାଙ୍କ ଭାଇଙ୍କ ମୁଣ୍ଡ ଓ ଶରୀର ଗଭୀର ଆଘାତ ରହିଛି । ଦୁର୍ବୃତ୍ତମାନେ ଗଜେନ୍ଦ୍ରଙ୍କୁ ମାରିବା ପରେ ତାଙ୍କୁ ଷ୍ଟୁଟି ଓ ଟଙ୍କା ଲୁଟ୍ କରିନେଇଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସମୁଳିଆ ପୁଲିସ ହୋଟେଲ୍ ରୋଷେୟାକୁ ପଚରା ଉଚରା କରୁଛି ।

ରାଜନଗର: ଜାତିପ୍ରଥା ହାରିଲା, ମାନବିକତା ଜିତିଲା

ପଢ଼ିବାକୁ ଆସିଲେ କୁନି କୁନି ପିଲା

ପଟ୍ଟାମୁଣ୍ଡାଇ, ୧୬।୨(ନିପ୍ର): ଖୋଲିଲା ବହୁଚର୍ଚ୍ଚିତ ରାଜନଗର ଘଡିଆମାଳ ନୂଆଗାଁର ବନ୍ଦ ଥିବା ଅଙ୍ଗନବାଡି କେନ୍ଦ୍ର । ପଢିବାକୁ ଆସିଲେ କୁନି କୁନି ପିଲା । ଅଭିଭାବକ ମାନଙ୍କ ସହଯୋଗରେ ପୁଣି ଆରମ୍ଭ ହେଲା ପାଠପଢା । ପିଲା ଖାଇଲେ ରନ୍ଧା ଖାଦ୍ୟ । ଗାଁ ରେ ଦେଖାଦେଲା ଖୁସିର ଲହରି । ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱୀକାର କରିଥିଲେ ରାଜନଗର ଅଙ୍ଗନବାଡି ସମସ୍ୟା ଜାତିପ୍ରଥା ପାଇଁ ନୁହେଁ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ନୂଆଗାଁ ଅଙ୍ଗନବାଡି କେନ୍ଦ୍ର ଆଜିକୁ ୮୬ ଦିନ ହେବା ବନ୍ଦ ରହିଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜନଗର ଜାତିଆଣ ଘଟଣା ସଂସଦରେ ବି ଚର୍ଚ୍ଚା ହେଲା । ଅନ୍ୟପଟେ ଅଭିଭାବକ ଜାତିପ୍ରଥାକୁ ଅସ୍ୱୀକାର କରିବା ସହ ଅଙ୍ଗନବାଡି ଘର ନ ଥିବାରୁ ବିପଦପୂର୍ଣ୍ଣ କୁଆଁରିଆ ସ୍ଥାନରେ ପାଠ ପଢ଼ା ଯାଉଥିବାରୁ ସେମାନେ ଛୁଆଙ୍କୁ ଛାଡୁ ନାହାନ୍ତି ବୋଲି କହିଥିଲେ । ଦୀର୍ଘ ସମୟ ଧରି ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା, ମହିଳା କମିଶନର ସଦସ୍ୟା, ବିଜେପିର ଏକ ଟିମ୍ ପହଂଚି ଗ୍ରାମବାସୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଗ୍ରାମର ଥିବା ବିଭିନ୍ନ ସମସ୍ୟା, ଯେମିତିକି ଅଙ୍ଗନବାଡି ଘର, ବାର୍ଦ୍ଧକ୍ୟ ଭତା, ରାସ୍ତା ଘାଟ ମରାମତି ଆଦି ବିଷୟରେ ଆଲୋଚନା କରିବା ସହ ଜାତିପ୍ରଥା କଥାକୁ ଅସ୍ୱୀକାର କରିଥିଲେ । ପ୍ରଶାସନ ସହମତି ଦେବା ପରେ ଆଜି ଗ୍ରାମବାସୀ ଛୁଆଙ୍କୁ ଅଙ୍ଗନବାଡି ଛାଡିଛନ୍ତି । ଆଜି କେନ୍ଦ୍ରାପଡ଼ା ସାଂସଦ ଓ ବିଜେପିର ଏକ ଟିମ୍ ପହଂଚି ଘଟଣାର ସମୀକ୍ଷା କରିଥିଲେ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ରବୀନ୍ଦ୍ର ମଣ୍ଡପ ଠାରେ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ (ଫଟୋ-ଦିନଲିପି)

ବାଦଲ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କାଶିପୁର ଚାମ୍ପିଅନ

ନିରାକାରପୁର, ୧୬/୨: ସ୍ଥାନୀୟ ବିରତୋଇ ଖେଳ ପଡିଆରେ ମହାବୀର ୟୁଥ୍ କ୍ଲବ୍ ବିରତୋଇ ଦ୍ୱାରା ଆୟୋଜିତ ବାଦଲ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କାଶିପୁର କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଛି । ଫାଇନାଲ ଖେଳ କାଶିପୁର ସହିତ ଚମ୍ପାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଚମ୍ପାଗଡ ୧୨ ଓଭରରେ ୯ ୱିକେଟ୍ ବିନିମୟରେ ୮୦ ରନ କରିଥିବାବେଳେ ୮୧ରନ ଟାର୍ଗେଟକୁ କାଶିପୁର ବ୍ଲକ ୪ ୱିକେଟ୍‌ରେ ୧୦.୨ ଓଭରରେ ବିଜୟ ଲକ୍ଷ ହାସଲ କରି ଚାମ୍ପିଅନ ହୋଇଥିଲା । ଆଜିର ମ୍ୟାଚ ପରିଚାଳକ କରିଥିଲେ ଶୁଶାନ୍ତ ବାରିକ, ରାଜେଶ ସାହୁ ।

ଛାତିଥରା ବିସ୍ଫୋରଣର ସିସିଟିଭି ଫୁଟେଜ୍

ଭୁବନେଶ୍ୱର, ୧୬।୨: ଭୁବନେଶ୍ୱର ସୁନ୍ଦରପଦାରେ ଘଟିଥିବା ଛାତିଥରା ବିସ୍ଫୋରଣ ସିସିଟିଭି ଫୁଟେଜ୍‌କୁ ଧରି ଘାଣ୍ଟୁଛି ଏନଆଇଏ । ଆଜାଦନଗରରେ ବଡ଼ ବିସ୍ଫୋରଣ ପୂର୍ବରୁ କେମିତି ଶକ୍ତିଶାଳୀ ବିସ୍ଫୋରକ ଦ୍ରବ୍ୟ ମୃତାହତଙ୍କ ପାଖକୁ ଆସିଲା ତାର ଉତ୍ସ ଖୋଜୁଛି ଜାତୀୟ ତଦନ୍ତକାରୀ ସଂସ୍ଥା । ଜାନୁଆରୀ ୨୮ ତାରିଖର ସେ ଛାତିଥରା ସିସିଟିଭି ଫୁଟେଜ୍ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ସେଥିରେ ବ୍ଲାଷ୍ଟର ଭୟାବହତା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ଘଟଣାକୁ ବି ଗମ୍ଭୀରତାର ସହ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ତଦନ୍ତକୁ ଆହୁରି ଜୋରଦାର କରିଛି । ଫୁଟେଜରେ ଆଜାଦ ନଗର ସ୍ଥିତ ଏକ କୋଠା ଉପରେ ହଠାତ୍ ପ୍ରଚଣ୍ଡ ଶବ୍ଦ ସହ ନିଆଁର ବଡ଼ ଝଲକ ଦେଖାଯାଉଛି ।

ଜଳବାୟୁ ସହନଶୀଳତା ଦିଗରେ ଓଡ଼ିଶାର ନୂଆ ପଦକ୍ଷେପ

୧୦୦ ମହିଳା ହେବେ 'କ୍ଲାଇମେଟ୍ ଚାମ୍ପିଅନ୍'

କାକଟପୁର, ୧୬/୨(ନିପ୍ର): ଓଡ଼ିଶା ଉପକୂଳବର୍ତ୍ତୀ ଅଧିବାସୀ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଶ୍ରୀ ପଦ୍ଧତିରେ ଧାନଚାଷ ପାଇଁ କୃଷି ସାମଗ୍ରୀ ବଣ୍ଟନ ସହ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ମହିଳା ଚାଷୀମାନଙ୍କ ଯୋଗଦାନ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଛି । ୟୁଏନ୍‌ଡିପି ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଚାଲୁଥିବା ଏହି ପ୍ରକଳ୍ପ ଅଧୀନରେ ଚାଷୀମାନଙ୍କ ଜୀବିକା ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପ୍ରକଳ୍ପ ଅନୁସାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ 'କ୍ଲାଇମେଟ୍ ଚାମ୍ପିଅନ୍' ଭାବେ ଗଢ଼ିଉଠିବେ, ଯେଉଁମାନେ ଜଳବାୟୁ ସଚେତନତା ଓ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ଗ୍ରାମସ୍ତରରେ ମୁଖ୍ୟ ଭୂମିକା ନେବେ । ଏହି ପଦକ୍ଷେପ ଅଧୀନରେ ୧୦୦ ଜଣ ମହିଳାଙ୍କୁ ଜଳବାୟୁ ସୁରକ୍ଷା ଯୋଦ୍ଧା ଭାବେ ପ୍ରସ୍ତୁତ କରାଯିବ । ସେମାନେ ହେବେ ପ୍ରକୃତ ପରିବର୍ତ୍ତନର ସୂତ୍ରଧର ଏବଂ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ କରିବାରେ ଅଗ୍ରଣୀ ଭୂମିକା ନେବେ । ଓଡ଼ିଶାରେ ପ୍ରଥମଥର ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ 'କ୍ଲାଇମେଟ୍ ଚାମ୍ପିଅନ୍' ଭାବେ ଚିହ୍ନଟ ହେଉଥିବା ଏହି ପଦକ୍ଷେପକୁ ଏକ ଐତିହାସିକ ମାଇଲ୍‌ଷ୍ଟୋନ୍ ବୋଲି କୁହାଯାଉଛି ।

ଓଡ଼ିଶାର ରେଳ ଭିତ୍ତିଭୂମି ପାଇଁ ୯୩.୧୯ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର,୧୬।୨(ପିଆଇବି): ଓଡ଼ିଶାର ରେଳ ଭିତ୍ତିଭୂମି ପାଇଁ ୯୩.୧୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି କେନ୍ଦ୍ର ସରକାର । ଏହି ଟଙ୍କାରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃ ବିକାଶ କରାଯିବ । ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର ଏହି ପ୍ରମୁଖ ରେଳ ଷ୍ଟେସନରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେବ । ଗତ ୧୩ ଫେବୃଆରୀ ୨୦୨୬ରେ ରେଳ ବୋର୍ଡ ନିର୍ଦ୍ଦେଶକଙ୍କ ପକ୍ଷରୁ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ଲିଖିତ ଭାବେ ଏହି ସୂଚନା ଦିଆଯାଇଛି । ଏହି ପୁନଃ ବିକାଶ ପ୍ରକଳ୍ପଟି 'ପ୍ଲାନ୍ ହେଡ୍-୫୩ ' ଅଧୀନରେ କାର୍ଯ୍ୟକାରୀ କରାଯିବ । ଏହି ପ୍ରକଳ୍ପ ମାଧ୍ୟମରେ ଷ୍ଟେସନର ପ୍ରବେଶ ପଥ, ସର୍କୁଲେଟିଂ ଏରିଆ ଏବଂ ଯାତ୍ରୀ ପ୍ରତୀକ୍ଷାଳୟର ସମ୍ପ୍ରସାରଣ କରାଯିବ । କେନ୍ଦ୍ର ସରକାର ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ କ୍ରମାଗତ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି । ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାକୁ ରେଳ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ରେକର୍ଡ ଅନୁଦାନ ମିଳିଛି । ୨୦୨୫ର ରିପୋର୍ଟ ଅନୁଯାୟୀ, ରାଜ୍ୟର ୫୯ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି, ଯେଉଁଥିପାଇଁ ମୋଟ ୨,୩୭୯ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ବ୍ରହ୍ମପୁର ରେଳ ଷ୍ଟେସନର ଏହି ନୂତନ ପ୍ରକଳ୍ପ ଦ୍ୱାରା ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ମିଳିବା ସହ ଅଞ୍ଚଳର ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି ।

ଫେବୃଆରୀ ୨୮କୁ ବଢ଼ିଲା ଇଗ୍ନୋର ନାମଲେଖା ଅବଧି

ଭୁବନେଶ୍ୱର,୧୬/୨(ନିପ୍ର) : ଇଗ୍ନୋର ନାମଲେଖା ଅବଧି ବୃଦ୍ଧି । ଚଳିତମାସ ୨୮ ତାରିଖକୁ ବୃଦ୍ଧି କରାଯାଇଛି । ତେବେ ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍ନୋ କର୍ତ୍ତୃପକ୍ଷ ଜାନୁଆରି ୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧିକୁ ଏବଂ ପୁନଃପଞ୍ଜିକରଣ ସମୟାବଧିକୁ ମଧ୍ୟ ଚଳିତମାସ ୨୮ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୁନଃପଞ୍ଜିକରଣ ପାଇଁ ଅତିରିକ୍ତ୨୦୦ ଟଙ୍କା ବିଳମ୍ବଶୁଳ୍କ ଦେବାକୁ ହେବ ବୋଲି କୁହାଯାଇଛି । ଆଗ୍ରହୀ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଇଗ୍ନୋର ୱେବସାଇଟ www.ignou.ac.inକୁ ଅନୁସରଣ କରିପାରିବେ । ନାମ ଲେଖାଇବା ପାଇଁ ଆବେଦନ କରିବା ଲିଙ୍କ ହେଲା https://ignouadmission.samarth.edu.in । ଅଣ୍ଡର ଗ୍ରାଜୁଏଟ (ବିଏସସିଏମ), (ବିସିଓଏମଏଫ), (ବିଏମଏମ) ପ୍ରୋଗ୍ରାମରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି ।

୧୯ରେ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ କରିବେ ବିକ୍ଷୋଭ

ଭୁବନେଶ୍ୱର, ୧୬/୨ (ନିପ୍ର): ନିଖିଳ ଓଡ଼ିଶା ପୂର୍ବତନ ସରପଞ୍ଚ ସମିତିସଭ୍ୟମାନଙ୍କୁ ମାସିକ ଅବସରକାଳନୀ ଭତା ୫ ହଜାର ଟଙ୍କା ଦେବା ନିମନ୍ତେ ରାଜ୍ୟ ସଭାପତି ଦିଗମ୍ବର ଜେନାଙ୍କ ନେତୃତ୍ୱରେ ୭ ଦଫା ଦାବିନେଇ ଫେବୃୟାରୀ ୧୯ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି ଓଡ଼ିଶାର ୩୦ଗୋଟି ଜିଲ୍ଲା, ୩୧୪ଗୋଟି ବ୍ଲକର ୮ ହଜାର ଗ୍ରାମ ପାୟତରେ ପ୍ରାୟ ୪୫ ହଜାର ପୂର୍ବତନ ସରପ ଓ ସମିତିସଭ୍ୟମାନେ କାର୍ଯ୍ୟରୁ ଅବସର ନେଇଛନ୍ତି । ସମାଜ ସେବାରେ ସରପ, ପାୟତ ସମିତି ସଭ୍ୟ ମାନଙ୍କର ମୁଖ୍ୟ ଭୂମିକା ଥିବାବେଳେ ସରକାର ତାଙ୍କ ପ୍ରତି କଠୋର ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଥିବା ହେତୁ ମହାସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ବର୍ତ୍ତମାନ ବିଧାୟକ, ମନ୍ତ୍ରୀମାନେ ମାସିକ ବେତନ ବୃଦ୍ଧି ସହିତ ପୂର୍ବତନ ବିଧାୟକମାନଙ୍କର ମାସିକ ଭତା ୧ଲକ୍ଷ ୩୦ ହଜାର ଟଙ୍କା ଦିଆଯିବା ନିମନ୍ତେ ବିଧାନସଭାରେ ଏକ ବିଲ୍ ପାସ୍ କରାଯାଇଛି । ବଡ଼ ଦୁଃଖର ବିଷୟ, ଜଣେ ପୂର୍ବତନ ସରପଞ୍ଚ ଭାଟିଏ ମଧ୍ୟ ନେଇନାହାଁନ୍ତି ।

କାର୍ଯ୍ୟକ୍ଷମ ହୋଇପାରୁନି ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ବିଲଡିଂ

ଭାପୁର, ୧୫/୨(ନିପ୍ର):